



# ରିଲ୍ସ କରି ବୁଡ଼ିଯାଉଥିବା ୩ ଯୁବକ ଉଦ୍ଧାର

କଟକ,୮ ।୧(ସମିସ)

ବାଲିଯାତ୍ରା ତଳପଡ଼ିଆସ୍ଥିତ ଗଡଗଡିଆ ଘାଟରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି ୩ଜଣ ଯୁବକ। ନଦୀ ମଧ୍ୟକୁ ପ୍ରବେଶ ନିଷେଧ ଲେଖାଥିବା ସତ୍ତ୍ୱେ କଟକ-ଇନ୍-କଟକ ଠାରେ ଭୋଜି କରି ନଦୀ ଭିତରକୁ ଯାଇ ରିଲ୍ସ କରୁଥିବା ସମୟରେ ୨ଜଣ ଯୁବକଙ୍କ ଗୋଡ ଖସିଯାଇଥିଲା। ଏହାପରେ ମୋବାଇଲ୍‌ରେ ସେମାନଙ୍କ ଭିଡିଓ କରୁଥିବା ଅନ୍ୟଜଣେ ଯୁବକ ବୁଡି ଯାଉଥିବା ୨ଯୁବକଙ୍କୁ ରକ୍ଷା କରିବା ପାଇଁ ନଦୀକୁ ଯାଇଥିବା ବେଳେ ସେ ବି ଭାସି ଯାଇଥିଲେ। ଏହି ସମୟରେ ସ୍ଥାନୀୟ କେତେକ ଲୋକ ସେଠାରେ ଗାଧୋଉଥିଲେ। ସେମାନେ ୩ଜଣ ଯୁବକଙ୍କୁ ଉଦ୍ଧାର କରିଥିଲେ। ନଦୀରେ ବୁଡି ଯାଇଥିବା ୩ଜଣ ଯୁବକ ହେଲେ, ପାରାଦ୍ୱୀପ ଅଠରବାଙ୍କି ଅଞ୍ଚଳର ମଧୁସୂଦନ ବେହେରା, ଜଗତପୁର ଅଞ୍ଚଳର ହୃଷିକେଶ ପାଇକରାୟ ଏବଂ ମର୍କତନଗର ସେକ୍ଟର-୧୦ଅଞ୍ଚଳର କୈବଲ୍ୟ ତରାଇ। ଏମାନେ ୩ଜଣ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର। ନୂଆବର୍ଷ ପାଇଁ କଟକ-ଇନ୍-କଟକଠାରେ ଭୋଜି କରୁଥିଲେ। ପାଣି ଭିତରେ ରିଲ୍ସ କରିବାକୁ ଯାଇ ଏହି ଅଘଟଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନେ ନୂଆ ଜୀବନ ପାଇଛନ୍ତି। ଖବର ପାଇ ବକ୍ସିବଜାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଯୁବକମାନେ ଉଦ୍ଧାର ହୋଇ ସାରିଥିଲେ।

ସହରର ବିପଦଶଙ୍କୁଳସ୍ଥାନ ଗୁଡ଼ିକରେ ସେଲ୍-ଫି' ନେବା ଏବଂ ରିଲ୍ସ କରିବା ଉପରେ କମିଶନରେଟ୍ ପୁଲିସ

**ଚେତୁନାହାନ୍ତି ଅମାନିଆ**

**ପୁଲିସ ପାଟ୍ରୋଲିଂ ଢିଲା**

**ନଦୀପଠାରେ ବଢୁଛି ଅସାମାଜିକଙ୍କ ଉତ୍ପାତ**

କଟକଣା ଲଗାଇଛି। ମୁଖ୍ୟତଃ ନଦୀ ବନ୍ଧ, ରେଳ ଧାରଣା, ଉଚ୍ଚ ଅଟ୍ଟାଳିକା ଉପରେ ରିଲ୍ସ ନକରିବା ପାଇଁ ବାରମ୍ବାର କମିଶନରେଟ୍ ପୁଲିସ ପକ୍ଷରୁ ୱେବ୍‌ସାଇଟ୍, ଟୁଇଟର୍ ପେଜ୍ ମାଧ୍ୟମରେ ବାରଣ କରାଯାଉଛି। ମହାନଦୀ ଓ କାଠଯୋଡିର ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ଓ ଜଳ




ସମ୍ପଦ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇଛି। ବିପଦଶଙ୍କୁଳସ୍ଥାନରେ ରିଲ୍ସ କରି ପୂର୍ବରୁ ଅନେକ ଦୁର୍ଘଟଣା ଘଟିଥିବା ବେଳେ ଏପର୍ଯ୍ୟନ୍ତ ଅମାନିଆମାନେ ଚେତୁ ନାହାନ୍ତି। ଅନ୍ୟପଟେ କଟକ ସହରର ୨ଟି ନଦୀ ପଠାରେ ଭୋଜିଭାତ ଓ ଗହଳିକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ମାଲଗୋଦାମ ଥାନା ସମ୍ମୁଖସ୍ଥ ଘାଟ, ଗଡ଼ଗଡ଼ିଆ, ଓଟିଡିସି ପକ୍ଷରୁ ଚାଲିଥିବା ବୋର୍ଟ-କ୍ଲବ୍ ଅଞ୍ଚଳ, ହାଡିଆପଠା, କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖସ୍ଥ ଘାଟ, ଚହଟା ଘାଟ, ଧବଳେଶ୍ୱର ଗଡ଼ା, ଭୁଆସୁଣୀ ମନ୍ଦିର ଗଡ଼ା, ନରାଜ ନିକଟରେ ୪ଟି ଘାଟ, ଲ' ୟୁନିଭର୍ସିଟି ଠାରୁ ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ରହିଥିବା ସମସ୍ତ ନଦୀ ଘାଟ ଗୁଡ଼ିକରେ ରିଲ୍ସ ନକରିବାକୁ ବାରଣ କରି ସୂଚନା ଫଳକ ଲଗାଯାଇଛି। ହେଲେ ଏହି ଫଳକକୁ ଗୁରୁତ୍ୱ ନଦେବାରୁ ବିଭିନ୍ନ ସମୟରେ ଅଘଟଣ ଘଟୁଛି।

ଗତ ୨ ମାସ ହେବ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଯେମିତି କୌଣସି ପ୍ରକାର ଅଘଟଣ ନଘଟେ, ସେ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ଏକ ପର୍ଯ୍ୟଟକ ସୁରକ୍ଷା ମାର୍ଗଦର୍ଶିକା ଜାରି କରାଯାଇଥିଲା। ସହରରେ ଥିବା ସମସ୍ତ ପଞ୍ଜିକୃତ ଏବଂ ଅଣପଞ୍ଜିକୃତ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ 'ନୋ ରିଲ୍ସ ଜୋନ୍' ସୂଚନା ଫଳକ ଲଗାଯାଇଥିଲା। ହେଲେ ନଦୀ କୂଳରେ ଭୋଜିଭାତ କରୁଥିବା ଲୋକମାନେ ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ନଦୀ ପଠାରେ ପାଟ୍ରୋଲିଂ ଢିଲା ହେତୁ ଭୋଜିର ଆସର ଜମାଉଥିବା ଯୁବଗୋଷ୍ଠୀ ନିଶା ସେବନ କରି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ସହ ରିଲ୍ସ ଭଳି ବିପଦଜନକ କାର୍ଯ୍ୟ କରୁଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ

**କଟକ, ୮ ।୧(ସମିସ):** ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ନୂଆ-ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସତ୍ୟ ନାରାୟଣ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ସଂଘର୍ଷ ଓ ସଂସ୍କାର ସଫଳତାର ମୂଳମନ୍ତ୍ର। ତେଣୁ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭାକୁ ଚିହ୍ନି ଲକ୍ଷ୍ୟ ପଥ ଧାର୍ଯ୍ୟ କରିବାକୁ ଡ. ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଏଥିସହ ଅଙ୍ଗଦାନ ମହାପୂଣ୍ୟ ନୀତିକୁ ଆପଣାଇ ମାନବ ସେବା ନିମନ୍ତେ ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷ ଡ.ପଣ୍ଡା ପ୍ରତିଭାର ଅନ୍ୱେଷଣ ଓ ରାଷ୍ଟ୍ରୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସ୍କୃତିକ ପ୍ରଭାରୀ ଡ. ଜାନକୀ ଝା, ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ, ଡ.ଅର୍ଚ୍ଚନା ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶାଶ୍ୱତୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ପ୍ରାଚୀ ପଟ୍ଟନାଏକ ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପରସ୍କୃତ ବିତରଣ କରାଯାଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



■ ଶିକ୍ଷକମାନଙ୍କୁ ନେଇ ସିଏମ୍‌ସିରେ ଆଲୋଚନା

## ମାଟ୍ରିକ ପରୀକ୍ଷାରେ ଭଲ କଲେ ମିଳିବ ପୁରସ୍କାର



କଟକ,୮ ।୧(ସମିସ)

ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଭଲ ରେଜଲ୍ଟ କଲେ ଛାତ୍ରଛାତ୍ରୀଙ୍କୁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପୁରସ୍କୃତ କରାଯିବ। ଯେଉଁ ହାଇସ୍କୁଲରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଭଲ ମାର୍କ ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେହି ସ୍କୁଲକୁ ମଧ୍ୟ ପୁରସ୍କାର ଦିଆଯିବ। ସହରରେ ଶିକ୍ଷାର ଉନ୍ନତି ପାଇଁ ସିଏମସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଚଳିତ ଶିକ୍ଷାବର୍ଷ ଠାରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ପାଠପଢାକୁ ନେଇ ଯଦି କିଛି ଦ୍ୱନ୍ଦ୍ୱ ଥିବ ତାହାକୁ ଶିକ୍ଷକମାନେ ଦୂର କରିବେ। ଏଥିପାଇଁ ପ୍ରତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଶ୍ରେଣୀ ଶିକ୍ଷକମାନେ ଏକମାସ ଧରି ସ୍ୱତନ୍ତ୍ର ଭାବେ ପାଠପଢାଇବେ। ଏନେଇ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ସହରର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ସିଏମସିରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକମାନେ ସଠିକ ଭାବେ ପାଠପଢାଉଛନ୍ତି କି ନାହିଁ ତାହାକୁ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଏବଂ ସିଏମସିର ଅଧିକାରୀମାନେ ମିଳିତ ଭାବେ ଯାଞ୍ଚ କରିବେ। ଏଥିସହ ସମସ୍ତ ଅଭିଭାବକଙ୍କ ସହ ଯୋଗଯୋଗ କରାଯିବ। ଯେଉଁ ଛାତ୍ରଛାତ୍ରୀ ସ୍କୁଲକୁ ଆସିବାକୁ ସକ୍ଷମ ନଥିବେ ଦରକାର ପଡିଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଘରକୁ ଶିକ୍ଷକ ଏବଂ ଅଧିକାରୀମାନେ ଯିବେ । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ମେୟର ଏହି କାର୍ଯ୍ୟକୁ ସମୀକ୍ଷା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ସିଏମସି କମିଶନର ନିଖିଲ ପବନ କଲ୍ୟାଣ, ଡେପୁଟି କମିଶନର ସୁକାନ୍ତ ବେଉରା , ସିଏମସି ଅଧିକାରୀ ଓ ସମସ୍ତ ସରକାରୀ ସ୍କୁଲ ର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ।

**ତଅଁଳାସାହିରେ ସେକ୍ସ ର୍ୟାକେଟ୍**

## କିଙ୍ଗ୍‌ପିନ୍ ସମେତ ୩ ଯୁବତୀ ଉଦ୍ଧାର, ୬ ଯୁବକ ଗିରଫ

**କଟକ,୮ ।୧(ସମିସ):** ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ତଅଁଳା ସାହିରେ ଏକ ବଡ ଧରଣର ଦେହ ବେପାର ଠାବ ହୋଇଛି। ଦିନ ସମୟରେ ଏହି ଦେହ ବ୍ୟବସାୟ ଚାଲିଥିବା ବେଳେ ପୁଲିସ ଚଢଉ କରି ୩ ଜଣ ଦେହଜୀବୀ ସମେତ ରାଣୀ ମହୁମାଛି(କିଙ୍ଗ୍‌ପିନ୍)ଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ୬ଜଣ ଗ୍ରାହକଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨ ଜଣ କଲେଜ ଛାତ୍ରୀ ଥିଲେ। ଯେଉଁ ଘରେ ଏହି କାରବାର ଚାଲିଥିଲା ସେହି ଘରୁ ଆପତ୍ତିଜନକ ସାମଗ୍ରୀ ଗୁଡିକ ପୁଲିସ ଜବତ କରିବା ସହିତ ଘର ମାଲିକଙ୍କୁ ପଚରାଉଚରା କରୁଛି।

ପୁଲିସ ସୂଚନା ଅନୁସାରେ, ବିଡାନାସୀ ତଅଁଳା ସାହିରେ ଯାଜପୁର ଜିଲ୍ଲାର ଜଣେ ୪୦ ବର୍ଷୀୟା ମହିଳା ଘର ଭଡା ନେଇ ଗଲା ୫ ବର୍ଷ ହେବ ରହୁଥିଲା। ତା' ନିକଟରେ ୨୦ ବର୍ଷ ବୟସର ୨ କଲେଜ ଛାତ୍ରୀ ରହି ଦେହ ବ୍ୟବସାୟରେ କାରବାରରେ ସାମିଲ ହୋଇଥିଲେ। ଏମାନେ ଢେଙ୍କାନାଳ ଓ ନୟାଗଡର ମୂଳ ବାସିନ୍ଦା। ବିଡାନାସୀ ଥାନା ପୁଲିସକୁ ଏ ସମ୍ପର୍କରେ ଗତ ୧୦ ଦିନ ହେବ ସୂଚନା ମିଳିଥିଲା। ପୁଲିସ ଏହି ସୂଚନା ଆଧାରରେ ତଅଁଳା ସାହିରେ ଆଜି ଅପରାହ୍ନ ପ୍ରାୟ ୪ଟା ୩୦ ବେଳେ ଚଢଉ କରିଥିଲା। ଚଢଉ ସମୟରେ ରାଣୀ ମହୁମାଛି ଥିବା ଜଣେ ମହିଳାଙ୍କ ସମେତ ୨ କଲେଜ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ତେବେ ଏହି ସମୟରେ ଉକ୍ତ ଘରେ ଥିବା ୬ ଜଣ ଗ୍ରାହକଙ୍କୁ ଗିରଫ କରାଯାଇଛି। ଏହି ଗ୍ରାହକଙ୍କ ମଧ୍ୟରେ କଟକ ମଧୁପାଟଣା, ମର୍କତନଗର ସେକ୍ଟର-୬, ଚୌଦ୍ୱାର ଥାନା ଚାନ୍ଦୁଆ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଯୁବକ ଅଛନ୍ତି। ଏମାନଙ୍କ ବୟସ ୨୮ ରୁ ୩୮ ଭିତରେ ରହିଛି। ପୁଲିସ ଟିମ ଏହି ଘରୁ ଗୋଟିଏ ବ୍ୟାଟେରି ସ୍କୁଟି ଓ ଦୁଇଟି ବାଇକ, ମୋବାଇଲ ୧୦ଟି, ୬୭ ହଜାର ୮୭୦ ଟଙ୍କା, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ ୧୧ଟି, ବେଡସିଟ ଗୋଟିଏ ଜବତ କରିଛି। ବିଡାନାସୀ ଥାନା ଆଇଆଇସି ପ୍ରଦୀପ୍ତ କୁମାର ନାୟକଙ୍କ କହିବା ଅନୁଯାୟୀ, ଏହି ମହିଳା ଜଣକ ୫ ମାସ ହେବ ତଅଁଳା ସାହିରେ ଏଭଳି ଦେହ ବ୍ୟବସାୟ ଚଳାଇ ଆସିଥିବା ଜଣାପଡିଥିଲା। ସେହି ଆଧାରରେ ପୁଲିସ ଟିମ ଚଢଉ କରି ଏମାନଙ୍କୁ ଧରିଥିବା ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ଅକ୍ଷତ ଓ ଗୁଆ ସଂଗ୍ରହ ବେଳେ ଗାଁ ଗାଁରେ ଭାବମୟ ପରିବେଶ**




କଟକ,୮ ।୧(ସମିସ)

ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଘରକୁ ଘର ବୁଲୁଛି "ଶ୍ରୀ ଜଗନ୍ନାଥ ଅର୍ପଣ ରଥ'। କଟକ ଜିଲ୍ଲାର ସଦର ମହକୁମା ସମେତ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ପରିକ୍ରମା କରିବାକୁ ଥିବା ଏହି ରଥ ଆଜି ଜିଲ୍ଲାର କେତେକ ବ୍ଲକ ଓ ଗ୍ରାମ ପଞ୍ଚାୟତ ପରିଭ୍ରମଣ କରି ଗୁଆ ଓ ଅକ୍ଷତ ସଂଗ୍ରହ କରିଛି। ସଂଗୃହୀତ ଅକ୍ଷତ ଓ ଗୁଆକୁ ଗ୍ରାମର ଏକ ମନ୍ଦିରରେ ରଖାଯିବ ଏବଂ ପରେ ପୁରୀ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ସ୍ଥଳକୁ ନିଆଯିବ। ଏହି ରଥକୁ ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ବିଭିନ୍ନ ଗ୍ରାମପଞ୍ଚାୟତର ଜଗନ୍ନାଥ ସଂସ୍କୃତି ପ୍ରେମୀମାନେ ସଙ୍କୀର୍ତ୍ତନ କରି ରଥକୁ ପାଛୋଟି ନେଉଛନ୍ତି। ମହିଳାମାନେ ଝୋଟି ଓ ମୁରୁଜ ପକାଇ ରଥକୁ ସ୍ୱାଗତ କରୁଥିବା ପରିଲକ୍ଷିତ ହେଉଛି। ଗୁଆ ଓ ଅକ୍ଷତ ଦେବା ପାଇଁ ଘରେ ଘରେ ଅତ୍ୟନ୍ତ ଉତ୍ସାହ ପରିଲକ୍ଷିତ ହେଉଛି। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହେବାରେ ଲାଗିଛି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଓ ଭକ୍ତିର ସହ ଲୋକେ ଗୁଆ, ଚାଉଳ ଅର୍ପଣ କରୁଛନ୍ତି।

ସୂଚନାଯୋଗ୍ୟ ଜାନୁଆରୀ ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ କଟକ ଜିଲ୍ଲାରେ ପରିଭ୍ରମଣ କରିବାକୁ ଥିବା ଅର୍ପଣ ରଥ ଆଜି ପ୍ରଥମ ଦିବସରେ ୮ଟି ବ୍ଲକ ଯଥା- ବଡମ୍ବା ବ୍ଲକର ବଡମ୍ବା ଏବଂ ଶାନବରସିଂହ ଗ୍ରାମପଞ୍ଚାୟତ, ବାଙ୍କୀ ବ୍ଲକର ବୈଦେଶ୍ୱର, ଅନୁଆରୀ ଏବଂ ରତାଗଡ ଗ୍ରାମପଞ୍ଚାୟତ, ଡମପଡା ବ୍ଲକର ଦୁର୍ଗାପୁର, ହରିରାଜପୁର, ବାଆଁର ଗ୍ରାମପଞ୍ଚାୟତ, କଣ୍ଟାପଡା ବ୍ଲକର ଅଡଶପୁର, ବାଗଲପୁର, ବନରା ଏବଂ ବାରଙ୍ଗ ଗ୍ରାମପଞ୍ଚାୟତ, ନିଆଳି ବ୍ଲକର ଅଲଣା, ଫଲୋ, ଏରଞ୍ଚ ଏବଂ ନିଭରଣ ଗ୍ରାମପଞ୍ଚାୟତ, ନିଶ୍ଚିନ୍ତକୋଇଲି ବ୍ଲକରେ ଜିଗୀନୀପୁର, ବୁହାଲୋ ଏବଂ ତରତଶାସନ ଗ୍ରାମପଞ୍ଚାୟତ, ସାଲେପୁର ବ୍ଲକର ବହୁଗ୍ରାମ, ପଶ୍ଚିମକଚ୍ଛ, ମୁଡାରିଫା, ସତ୍ୟଭାମାପୁର, ନଇଗୁଆଁ, ଶିଶୁଆ, ମଲାଶାସନ, କଟରପା, ମିର୍ଜାପୁର ଏବଂ ବାରିଗୋଳ ଗ୍ରାମପଞ୍ଚାୟତରେ ଆଜି ଶ୍ରୀ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ସବୁଠାରେ ଭକ୍ତି ଓ ଭାବର ପରିବେଶ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଆଠଗଡ, ବାରଙ୍ଗ, ମାହାଙ୍ଗା, ନରସିଂହପୁର, ଟାଙ୍ଗୀ-ଚୌଦ୍ୱାର, ତିଗିରିଆ ବ୍ଲକ ଗୁଡିକରେ ଜାନୁଆରୀ ୯ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅର୍ପଣ ରଥ ପରିଭ୍ରମଣ କରିବାକୁ ଥିବାବେଳେ କଟକ ସଦର ବ୍ଲକରେ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

### ୧୦ରୁ ସହରରେ ରଥ ପରିକ୍ରମା

ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ଆସନ୍ତା ୧୦ ତାରିଖରୁ ତିନି ଦିନ ବ୍ୟାପି ଜୟ ଜଗନ୍ନାଥ ଅର୍ପଣ ରଥ କଟକ ସହରର ପ୍ରତ୍ୟେକ ୱାର୍ଡ ପରିକ୍ରମା କରିବ। ସଂକୀର୍ତ୍ତନ ମାଧ୍ୟମରେ ୧୦ଟି ଅର୍ପଣ ରଥ ସିଏମସିର ୫୯ଗୋଟି ୱାର୍ଡରେ ବୁଲି ଭକ୍ତ ଓ ସେମାନଙ୍କ ପରିବାରଠାରୁ ଅକ୍ଷତ ଓ ଗୁଆ ଗ୍ରହଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅକ୍ଷତ ଓ ଗୁଆ ଗ୍ରହଣ ପରେ ପୁରୀ ଶ୍ରୀମନ୍ଦିରକୁ ପଠାଯିବ। ତା'ଛଡା ପ୍ରତ୍ୟେକ ୱାର୍ଡରୁ ମନୋନୀତ ହୋଇଥିବା ୨୦ ଜଣ ଭକ୍ତ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବେ। ଆଜି ସିଏମସି ବିଜୁଭବନର ସମ୍ମିଳନୀ କକ୍ଷରେ ଏ ସଂପର୍କିତ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମସି କମିଶନର ନିଖିଲ ପଵନ କଲ୍ୟାଣ ଏବଂ କର୍ପୋରେଟରମାନଙ୍କ ସମେତ ସିଏମସି ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ସଂପର୍କରେ ଆସନ୍ତା କାଲି ସୁଦ୍ଧା ଏକ ରୁଟ୍ ପ୍ଲାନ୍ ପ୍ରସ୍ତୁତ ହେବ ବୋଲି ଅତିରିକ୍ତ କମିଶନର ସୋନା ଟୁଡୁ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ମହିଳା ଗୁରୁତର

**କଟକ,୮ ।୧(ସମିସ):** ଝଂବନ୍ଧର ବେଲିଭ୍ୟୁ-ନରାଜ ରାସ୍ତାରେ ଗଛ ଡାଳ ଭାଙ୍ଗି ପଡିଯିବାରୁ ଜଣେ ମହିଳା ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଫେଜ-୨ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଛି। ଆଜି ଅପରାହ୍ନ ପ୍ରାୟ ସାଢେ ୪ଟାରେ ଜଣେ କର୍ମଜୀବୀ ମହିଳା ଏକ ଇ-ସ୍କୁଟିରେ ଝଂବନ୍ଧରେ ନରାଜ ପଟୁ ସେକ୍ଟର-୯ ଆଡକୁ ଆସୁଥିଲେ। ତେବେ ମହିଳା ଜଣକ ଫେଜ-୨ ଥାନା ଗଡା ଅତିକ୍ରମ କରି ଯାଉଥିଲା ବେଳେ ହଠାତ ଦୁର୍ଘଟଣାର ଶିକାର ହୋଇଥିଲେ। ରାସ୍ତା କଡରେ ଥିବା ଏକ ବଡ ଗଛର ଡାଳ ଭାଙ୍ଗି ତାଙ୍କ ଉପରେ ପଡିଥିଲା। ଫଳରେ ଚଳନ୍ତା ଗାଡି ସହ ମହିଳା ଜଣକ ରାସ୍ତାରେ ଘୋଷାରି ହୋଇ ପଡିଯିବା ପରେ ଅଚେତ ହୋଇପଡିଥିଲେ। ଏହାଦେଖି ଅନ୍ୟ ପଥଚାରୀମାନେ ଆସି ତାଙ୍କୁ ଉଦ୍ଧାର କରି ପୁଲିସ ଓ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଚେତା ଫେରିବା ପରେ ଦୁର୍ଘଟଣା କିଭଳି ଘଟିଲା ତାହା ସେ ଜାଣି ପାରିନଥିବା କହିଥିଲେ। କିଛି ସମୟ ଭିତରେ ଫେଜ-୨ ପୁଲିସ ପହଞ୍ଚି ଆହତ ମହିଳାଙ୍କୁ ହସ୍ପିଟାଲକୁ ନେଇଥିଲା । ଦୁର୍ଘଟଣାରେ ମହିଳାଙ୍କ ମୁହଁ, ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି।

## କୂଅ ପାଣି ପିଇ ଝାଡ଼ାବାନ୍ତିରେ ୨୫ ଆକ୍ରାନ୍ତ

**କଟକ,୮।୧(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁରରେ ୨୫ରୁ ଅଧିକ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ରାପିଡ ଆକ୍ସନ ଟିମ ତିଗିରିଆ ଯାଇଥିବା ଜଣାପଡ଼ିଛି। ସେଠାରେ ଆକ୍ରାନ୍ତ ଲୋକଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରାଯାଇଛି। ଏହାଛଡ଼ା ଏକ ନିର୍ଦ୍ଦିଷ୍ଟ କୂଅର ପାଣି ପିଇ ଏମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଉକ୍ତ କୂଅ ନିକଟରେ ଏକ ଶୌଚାଳୟ ରହିଛି। ଏଣୁ କୂଅ ପାଣି ଏବଂ ଶୌଚାଳୟ ଟାଙ୍କି ପାଣି ମିଶିବା ଯୋଗୁଁ ଲୋକେ ଝାଡାବାନ୍ତିର ଶିକାର ହୋଇଥିଲେ। ଏବେ ଏହି କୂଅ ଉପରେ ନାଲି ପତାକା ଲଗାଯାଇଛି। ଏହାର ପାଣି ନପିଇବାକୁ ଲୋକଙ୍କୁ ତାଗିଦ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ନୂତନ ଭାବେ ଏକ ନଳକୂପ ତିଆରି କରାଯାଉଛି। ବିଷ୍ଣୁପୁରରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ସିଡିଏମଓ ଡାକ୍ତର ମକରାନନ୍ଦ ବେଉରା ସୂଚନା ଦେଇଛନ୍ତି।

**ସଂକ୍ରମିତ କୂଅ ପାଣି ନପିଇବାକୁ ସ୍ୱାସ୍ଥ୍ୟ ବିଭାଗର ତାଗିଦ୍**

**ସ୍ଥିତି ନିୟନ୍ତ୍ରଣରେ ଥିବା ସିଡିଏମ୍‌ଓଙ୍କ ସୂଚନା**

## କ୍ୟାନ୍ସର ହସ୍ପିଟାଲରେ ରୋଗୀ ଅସନ୍ତୋଷ

**କଟକ,୮।୧(ସମିସ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ସୋମବାର ଉତ୍ତେଜନା ଦେଖା ଦେଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ସଂଗ୍ରହ କରିବା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରରେ କର୍ମଚାରୀ ନଥିବାରୁ ଏହି ପରିସ୍ଥିତି ଉପୁଜିଥିଲା। ରିପୋର୍ଟ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ରୋଗୀ ଓ ରୋଗୀ ସମ୍ପର୍କୀୟ ଧାଡ଼ିରେ ଛିଡ଼ା ହୋଇଥିଲେ ସୁଦ୍ଧା କୌଣସି କର୍ମଚାରୀଙ୍କର ଦେଖା ନଥିଲା। ତେବେ ଲୋକେ ହୋହାଲ୍ଲା କରିବା ପରେ ଜନୈକ କର୍ମଚାରୀ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏ ବାବଦରେ ମତାମତ ନିମନ୍ତେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଉତ୍ତର ମିଳି ପାରିନାହିଁ।

## ସରକାରୀ ପ୍ରଚାର ଗାଡ଼ିରୁ ଏଲିଇଡି ଚୋରି: ଚୋର ଗିରଫ

**କଟକ,୮ ।୧(ସମିସ):** ଏକ ସରକାରୀ ପ୍ରଚାର ଗାଡିରୁ ଏଲଇଡି ଟିଭି ଚୋରି ଘଟଣାରେ ଜଗତପୁର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ପଦ୍ମପୁର ମେଡିକାଲ ବଜାରର ଅବୁ ଓରଫ ଅବତାର ଖାନ(୩୪)। ତା' ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ନୂଆବଜାର ଅଞ୍ଚଳର ଭୀମସେନ ମହାନ୍ତିଙ୍କର ଏକ ୭୦୯ ମଡେଲର ଟ୍ରକ ରହିଥିବା ବେଳେ ଏହି ଟ୍ରକ ସିଡିଏ(କଟକ ଉନ୍ନୟନ କର୍ତ୍ତୃପକ୍ଷ)ର ପ୍ରଚାର କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଏଥିପାଇଁ ଗାଡିରେ ଗୋଟିଏ ବଡ ଏଲଇଡି ଟିଭି, ଦୁଇଟି ସାଉଣ୍ଡ ବକ୍ସ, ଗୋଟିଏ ପ୍ରୋଜେକ୍ଟର ଏବଂ ଜେନେରେଟର ଲାଗିଥିଲା। ଏହି ଗାଡି ମାଧ୍ୟମରେ ସିଡିଏ ଦ୍ୱାରା ବିଭିନ୍ନ ଜନହିତକର ସରକାରୀ କାର୍ଯ୍ୟର ପ୍ରଚାର କରାଯାଉଥିଲା। ଶନିବାର କାର୍ଯ୍ୟ ସରିବା ପରେ ଚାଳକ ଗାଡିକୁ ଜଗତପୁର ସ୍ଥିତ କୈଳାସ ପେଟ୍ରୋଲ ପମ୍ପ ନିକଟରେ ପାର୍କିଂ କରିଥିଲେ। ତେବେ ରବିବାର ସକାଳେ ଭୀମସେନ ଖବର ପାଇଲେକି, ଟ୍ରକରେ ଲାଗିଥିବା ଏଲଇଡି ଟିଭିକୁ କେହି ଚୋରାଇ ନେଇଛି। ଏହାପରେ ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚାଳକ ଓ ଅନ୍ୟମାନଙ୍କୁ ପଚରାଉଚରା କରିବା ସହ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଆଣି ଯାଞ୍ଚ କରିଥିଲା। କିନ୍ତୁ ଫୁଟେଜରୁ ଘଟଣା ସହ ଜଡିତ ସେଭଳି କୌଣସି ଦୃଶ୍ୟ ଦେଖିବାକୁ ମିଳିନଥିଲା। ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରିବାରୁ ସକାଳ ସମୟରେ ଜଣେ ବ୍ୟକ୍ତି ଏକ ଏଲଇଡି ଟିଭି ନେଇ ପଦ୍ମପୁର ଆଡେ ଯାଉଥିବାର ଦେଖିଥିବା ଲୋକେ କହିଥିଲେ। ଏହାପରେ ପୁଲିସ ସେହି ରାସ୍ତାରେ ଲାଗିଥିବା ସିସିଟିଭି ଓ ଲୋକଙ୍କ ସୂଚନାକ୍ରମେ ଅଭିଯୁକ୍ତ ଅବତାରକୁ ଚିହ୍ନଟ କରିଥିଲା। ପରେ ରାତିରେ ତା' ଘରେ ପୁଲିସ ଚଢଉ କରି ଅବତାରକୁ ଗିରଫ କରିବା ସହ ଏଲଇଡି ଜବତ କରିଥିଲା।




ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

ସକାଳ
THE SAKALA



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୬୫
- ୟୁରୋ ୯୧.୩୩ ● ୟେନ୍ ୦.୫୭

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୮୦୦ (ନୂଆଦିଲ୍ଲୀ)
- ରୁପା : ୭୬,୪୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୩୫୫.୦୦
- ନିଫ୍ଟି ୨୧,୫୧୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ମାଳଦ୍ୱୀପ ପର୍ଯ୍ୟଟନ ଶିଳ୍ପକୁ ଲାଗିବ ବଡ଼ ଝଟ୍‌କା

**ଲାକ୍ଷାଦ୍ୱୀପ ଖୋଜିଲେ ପର୍ଯ୍ୟଟକ**

# ଗୁଗଲ୍ ସର୍ଚ୍ଚରେ ୩,୪୦୦% ବୃଦ୍ଧି

**ନୂଆଦିଲ୍ଲୀ,୮।୧(ଏଜେନ୍ସି)**

ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି ମାଳଦ୍ୱୀପ ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ଘଟଣା ଘନେଇବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ମାଳଦ୍ୱୀପ ପର୍ଯ୍ୟଟନ ଶିଳ୍ପ ପ୍ରତି ବଡ଼ ଝଟ୍‌କା ପହଞ୍ଚାଇବାରେ ଲାଗିଛି। ପ୍ରଥମେ ବୁକିଂ ଏବଂ ବିମାନ ବାତିଲ ପରେ ଏବେ ସାରା ଦେଶରେ ସୋସିଆଲ ମିଡିଆରେ ବୟକଟ୍ ମାଳଦ୍ୱୀପ ଟ୍ରେଣ୍ଡ୍ କରୁଛି। ମାଳଦ୍ୱୀପ ପ୍ରତି ଭାରତୀୟଙ୍କ ବିମୁଖତା ଲାକ୍ଷାଦ୍ୱୀପକୁ ଫାଇଦା ହୋଇଛି। ଶତାଧିକ ଭାରତୀୟ ପର୍ଯ୍ୟଟକ ନିଜର ମାଳଦ୍ୱୀପ ଗସ୍ତ ରଦ୍ଦ କରି ଲାକ୍ଷାଦ୍ୱୀପ ଭ୍ରମଣରେ ବାହାରିଛନ୍ତି। ଯାତ୍ରା ସେବା ଯୋଗାଉଥିବା ଅନ୍ ଲାଇନ୍ ଟ୍ରାଭେଲ୍ କମ୍ପାନୀ ମେକ୍‌ମାଇଁଟ୍ରିପ୍‌ରେ ଏହି ସୂଚନା ଦେଇଛି। କମ୍ପାନୀର ୱେବ୍‌ସାଇଟ୍‌ରେ ମେକ୍‌ମାଇଁଟ୍ରିପ୍‌ରେ ପର୍ଯ୍ୟଟକଙ୍କ ଦ୍ୱାରା ଲାକ୍ଷାଦ୍ୱୀପ ସର୍ଚ୍ଚରେ ୩,୪୦୦% ବୃଦ୍ଧି ଘଟିଛି। ଅପରପକ୍ଷେ ମାଳଦ୍ୱୀପକୁ ବୟକଟ କରିବାକୁ ପାଇଁ ଶିଳ୍ପ ସଂଘ ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କମର୍ସ (ଆଇସିସି) ସମସ୍ତ ଟ୍ରାଭେଲ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଛି।

ପ୍ରଧାନମନ୍ତ୍ରୀଙ୍କ ଲାକ୍ଷାଦ୍ୱୀପ ଗସ୍ତ ସହ ଏହାର ପ୍ରଚାର ଓ ମାଳଦ୍ୱୀପ ନେତାଙ୍କର ଭାରତୀୟଙ୍କ ବିରୋଧରେ ବିବାଦୀୟ ବୟାନ ଲାକ୍ଷାଦ୍ୱୀପ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଯଦି ଏହି ଧାରା ଆଗକୁ ଜାରି ରହେ ତେବେ ଲାକ୍ଷାଦ୍ୱୀପ ପର୍ଯ୍ୟଟନ ମଜଭୁତ ହେବା ସହ ଅର୍ଥନୀତିରେ ଏକ ବଡ଼ ଯୋଗଦାନ ଦେବ ବୋଲି କୁହାଯାଉଛି। ମାଳଦ୍ୱୀପ ବିବାଦ ପରେ ମେକ୍‌ମାଇଁଟ୍ରିପ ବୁକ୍ କରିଥିବା



ସମସ୍ତ ମାଳଦ୍ୱୀପ ଫ୍ଲାଇଟ୍ ରଦ୍ଦ କରିଥିଲା। ଇଜିମାଇଁଟ୍ରିପ୍ ସଂସ୍ଥାପକ ନିଶାନ୍ତ ପିଟ୍ଟି ଏକ୍ସରେ ଟ୍ୱିଟ୍ କରି ଏହି ସୂଚନା ଦେଇଥିଲେ। ଦେଶ ପ୍ରତି ଏକତା ଦେଖାଇବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ। ଏକ୍ସରେ ପୋଷ୍ଟ କରି ସେ ଲେଖିଥିଲେ ଆମ ଦେଶ ସହ ଏକତା ଦେଖାଇ ଇଜିମାଇଁଟ୍ରିପ୍ ସମସ୍ତ ମାଳଦ୍ୱୀପ ଫ୍ଲାଇଟ୍ ବୁକିଂକୁ ବାତିଲ୍ କରିଛି। ସେପଟେ ବହୁ ସଂଖ୍ୟାରେ ଭାରତୀୟମାନେ ମାଳଦ୍ୱୀପ ଗସ୍ତକୁ ରଦ୍ଦ କରୁଛନ୍ତି। ଏ

> ପ୍ରଧାନମନ୍ତ୍ରୀଙ୍କ ପ୍ରତି ମାଳଦ୍ୱୀପ ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ
>
> ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି ବୟକଟ୍ ମାଳଦ୍ୱୀପ
>
> ବହିଷ୍କାର କରିବାକୁ ଟ୍ରାଭେଲ ଏଜେନ୍ସିଙ୍କୁ ଆଇସିସିର ନିର୍ଦ୍ଦେଶ

ନେଇ ସେମାନେ ଇଣ୍ଟରନେଟ୍‌ର ସୂଚନା ମଧ୍ୟ ଦେଉଛନ୍ତି। ଭାରତୀୟଙ୍କର ଏଭଳି ଆଭିମୁଖ୍ୟରେ ମାଳଦ୍ୱୀପର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ବୋଲି ଭୟ କରିବା ଆରମ୍ଭ କରିଛନ୍ତି। ବିବାଦୀୟ ବୟାନ ଦେଇଥିବା ୩ ମନ୍ତ୍ରୀଙ୍କୁ ମାଳଦ୍ୱୀପ ସରକାର ନିଲମ୍ବିତ କରିଥିବା ଜଣାପଡିଛି।

# ବିମାନ ୱିଣ୍ଡୋ ସିଟ୍ ମହଙ୍ଗା

### ସିଟ୍ ଅନୁଯାୟୀ ଭଡ଼ା ବଢ଼ାଇଲା ଇଣ୍ଡିଗୋ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):** ବିମାନରେ ଯାତ୍ରା ସମୟରେ ଝରକା ପାଖ ବା ୱିଣ୍ଡୋ ସିଟ୍‌ର ଚାହିଦା ଅଧିକ ରହିଥାଏ। ଟିକଟ୍ କାଟି ବିମାନରେ ବସିବା ମାତ୍ରେ ସମସ୍ତେ ୱିଣ୍ଡୋ ସିଟ୍‌ରେ ବସିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ଏଣିକି ୱିଣ୍ଡୋ ସିଟ୍ ପାଇଁ ଯାତ୍ରୀକୁ ଦେବାକୁ ହେବ ଅଧିକ ଟଙ୍କା। ଦେଶର ବଡ଼ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏୟାର ଲାଇନ୍ସ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି।

ଗ୍ରାହକଙ୍କୁ ନିଜ ପସନ୍ଦର ସିଟ୍ ନେବାକୁ ହେଲେ ଅଧିକ ଚାର୍ଜ ଦେବାକୁ ପଡ଼ିବ ବୋଲି ଇଣ୍ଡିଗୋ କହିଛି। ରିପୋର୍ଟ ଅନୁସାରେ, ଚୟନାତ୍ମକ ସିଟ୍ ପାଇଁ ଇଣ୍ଡିଗୋ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରିବ। ଅଧିକ ଲେଗ୍ ରୁମ୍(ସିଟ୍ ବସିବା ବେଳେ ଗୋଡ଼ ରଖିବା ପାଇଁ ଯଥେଷ୍ଟ ସ୍ଥାନ) ବିଶିଷ୍ଟ ଏକ୍ସେଲ୍ ସିଟ୍ ପାଇଁ ଏହି ଟଙ୍କା ନିଆଯାଉଥିଲା। ତେବେ ସବୁ ଏକ୍ସେଲ୍ ସିଟ୍ ପାଇଁ ଏହି ଅତିରିକ୍ତ ଚାର୍ଜ ଲାଗୁ ହେବ ନାହିଁ। ବିମାନ କମ୍ପାନୀ ଏଥିପାଇଁ ୧୫୦ ରୁ ୨୦୦୦ ଟଙ୍କା ମଧ୍ୟରେ ଚାର୍ଜ କରୁଛି। କିଛି ଏକ୍ସଏଲ୍ ସିଟ୍ ପାଇଁ ଏୟାରଲାଇନ୍ସ ୧୪୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରୁଛି। ତେବେ ମଝି ସିଟ୍ ପାଇଁ କୌଣସି ଅତିରିକ୍ତ ଶୁଳ୍କ ଆଦାୟ କରାଯାଉନାହିଁ। ତେବେ ଏଟିଆର୍ ୭୨-୬୦୦ ଦ୍ୱାରା ପରିଚାଳିତ ବିମାନଗୁଡ଼ିକରେ ସିଟ୍ ଚୟନ କ୍ଷେତ୍ରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏୟାରବସ ଫ୍ଲାଇଟ୍ ଶ୍ରେଣୀର ବିମାନରେ ଦ୍ୱିତୀୟ ଏବଂ ତୃତୀୟ ଧାଡି ପାଇଁ ଦେୟ ୪୫୦ରୁ ୪୦୦ ଟଙ୍କାକୁ ହ୍ରାସ ପାଇଛି। ସେହିପରି ଇଣ୍ଡିଗୋର ଏ୩୨୦ ବିମାନରେ ୧୧ ଓ ୧୪ ଓ ୨୦ ଲାଇନ୍ ପାଇଁ ଦେୟ ୨୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୱିଣ୍ଡୋ ସିଟ୍ ପାଇଁ ୪୦୦ ଟଙ୍କା ଚାର୍ଜ କରାଯାଉଛି। କେବଳ ଇଣ୍ଡିଗୋ ନୁହେଁ, ଏୟାର ଇଣ୍ଡିଆ ଓ ଆକାଶ ଏୟାର ଲାଇନ୍ ମଧ୍ୟ ସିଟ୍ ଆଧାରରେ ଚାର୍ଜ କରୁଛନ୍ତି।

# ଋଣ ପ୍ରଦାନରେ ଓଜିବି ପୁଣିଥରେ ପୁରସ୍କୃତ



**ଭୁବନେଶ୍ୱର,୮।୧(ସମିସ):** ୨୦୨୨-୨୩ ଆର୍ଥିକବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)କୁ ଶ୍ରେଷ୍ଠ ବ୍ୟାଙ୍କ ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ବ୍ୟାଙ୍କ୍ ପକ୍ଷରୁ ଅଧ୍ୟକ୍ଷ ଋଷି ସିଂହ ଏବଂ ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଓଜିବି ଗତ ଦୁଇ ବର୍ଷ ହେବ ଏହି ପୁରସ୍କାର ଲାଭ କରିଆସୁଛି। ବ୍ୟାଙ୍କ୍ ଇତି ମଧ୍ୟରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଉପକୃତ କରିଛି। ଆଞ୍ଚଳିକ ପ୍ରବନ୍ଧକ (ବାଲେଶ୍ୱର) ସୌମ୍ୟ ଦର୍ଶନ କର, ଆଞ୍ଚଳିକ ପ୍ରବନ୍ଧକ (ଚଣ୍ଡିଖୋଲ) ଦିଗବିଜୟ ବାହାଦୁର ଦାସ, ଆଞ୍ଚଳିକ ପ୍ରବନ୍ଧକ (ଢେଙ୍କାନାଳ) ସିପ ସାଗର ଆଚାର୍ଯ୍ୟ, କମାର ଗାଁ ଶାଖା ପରିଚାଳକ ବିନେଶ କୁମାର ଶଙ୍ଖୁଆ, ଋଣ ବିଭାଗ ମୁଖ୍ୟ ପ୍ରଭୁ ପ୍ରସାଦ ମିଶ୍ର ଏବଂ ଋଣ ବିଭାଗ ଅଫିସର ବି ସାଇ ଭାର୍ଗବ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ୟୁକୋ ବ୍ୟାଙ୍କର ୮୨ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୮।୧(ସମିସ):** ୟୁକୋ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୱାକାଥନ୍, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କର ଅବସରପ୍ରାପ୍ତ

ମହାପ୍ରବନ୍ଧକ, ଉପ-ମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସ୍ମୃତିଚିହ୍ନ ଏବଂ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ମୁଖ୍ୟଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କର କଟକଠାରେ ଏହି ସମାନ ଧରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଆବାହକ ଗୌତମ ପାତ୍ର, ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ, ଭୁବନେଶ୍ୱର ଅଞ୍ଚଳର ସହାୟକ ମହାପ୍ରବନ୍ଧକ ତଥା ଉପ-ଆଞ୍ଚଳିକ ମୁଖ୍ୟ ଆଶିଷ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋର ୪୪ତମ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର, ୮।୧(ସମିସ):** ଖଣି ମନ୍ତ୍ରାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନାଲକୋର ୪୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଚାରି ଦଶନ୍ଧିରୁ ଅଧିକ ସମୟର ଏହି ଅନନ୍ୟ ସଫଳତା ସହ ୪୩ ବର୍ଷରୁ ଅଧିକ ସମୟ ପୂରଣ କରିବାର ମାଇଲଖୁଣ୍ଟକୁ ପାଳନ କରିବା ନିମନ୍ତେ କମ୍ପାନୀର ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ଏହାର ଅପରେଟିଂ ୟୁନିଟ୍ ସହ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ନାଲକୋ ନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଏମ୍‌ଡି ଶ୍ରୀଧର ପାତ୍ର, ପ୍ରବନ୍ଧ ନିର୍ଦ୍ଦେଶକ, କମ୍ପାନୀର କାର୍ଯ୍ୟକାରିଣୀ ନିର୍ଦ୍ଦେଶକଗଣ ତଥା ମୁଖ୍ୟ ସତର୍କତା ଅଧିକାରୀ, କର୍ମଚାରୀମାନଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି ଏବଂ ହିତଧାରକମାନଙ୍କ ସହଯୋଗ ନିମନ୍ତେ ସାଧୁବାଦ ଜଣାଇଛନ୍ତି।

ଶ୍ରୀ ପାତ୍ର ତାଙ୍କ ସମ୍ବୋଧନରେ କହିଛନ୍ତି ଯେ, ବିଗତ ତିନିବର୍ଷ ମଧ୍ୟରେ କମ୍ପାନୀ ଅନେକ ମହତ୍ତ୍ୱପୂର୍ଣ୍ଣ ସଫଳତା ଏବଂ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ଅତିକ୍ରମ କରିପାରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବ୍ୟାକୱାର୍ଡ ଇଣ୍ଟିଗ୍ରେସନ ତଥା ଆବଶ୍ୟକୀୟ ଶକ୍ତି ଏବଂ ବକ୍ସାଇଟ ଭଳି କଞ୍ଚାମାଲର ଉପଲବ୍ଧତା ଫଳରେ ଆଗାମୀ ୩ ଦଶନ୍ଧି ନିମନ୍ତେ ଏକ ଦୀର୍ଘସ୍ଥାୟୀ ବ୍ୟବସାୟକୁ ସୁନିଶ୍ଚିତ କରାଯାଇପାରିଛି। ଉଲ୍ଲେଖଯୋଗ୍ୟ ଯେ, ଆବଣ୍ଟିତ କୋଇଲା ବ୍ଲକଗୁଡିକ କାର୍ଯ୍ୟକ୍ଷମ ହେବା ଏବଂ ପଟାଙ୍ଗି ବକ୍ସାଇଟ୍ ଖଣିର ବିଧିଗତ ଅନୁମତି ମିଳିବା ଫଳରେ, ଜାରି ରହିଥିବା ବିଶୋଧନାଗାରର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଭବିଷ୍ୟତରେ ହେବାକୁ ଥିବା ସ୍ମେଲଟର ବିସ୍ତାର ଯୋଜନା ଗତିଶୀଳ ହୋଇପାରିଛି। ପ୍ରତିଷ୍ଠା ଦିବସ ଉତ୍ସବ ଉପଲକ୍ଷେ କମ୍ପାନୀର ପୂର୍ବତନ ସିଏମ୍‌ଡି ଏବଂ ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଅନ୍ତରୀଣ ବଜେଟରେ ହୋଇପାରେ ଘୋଷଣା

# ୮ ଲକ୍ଷ ଆୟ ପର୍ଯ୍ୟନ୍ତ ଆୟକର ଛାଡ଼ !

**ନୂଆଦିଲ୍ଲୀ,୮।୧(ଏଜେନ୍ସି):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ଫେବୃଆରୀ ପହିଲାରେ ସଂସଦରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଏଥିରେ ଟିକସଦାତାମାନେ ନିର୍ବାଚନୀ ବର୍ଷରେ ଅର୍ଥମନ୍ତ୍ରୀଙ୍କଠାରୁ କିଛି ଭଲ ଖବର ପାଇପାରନ୍ତି। ରିପୋର୍ଟ ଅନୁସାରେ, ଅନ୍ତରୀଣ ବଜେଟରେ ସରକାର ନୂତନ ଆୟକର ବ୍ୟବସ୍ଥା ଅନୁଯାୟୀ ଆୟକର ଦାଖଲ ରିଆତି ସୀମା ୭ ଲକ୍ଷରୁ ୭.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରିବ। ଯଦି ଏହା ହୁଏ ତେବେ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ସେମାନଙ୍କୁ କୌଣସି ଟିକସ ଦେବାକୁ ପଡିବନାହିଁ। ଏଥିରେ ୫୦,୦୦୦ ଟଙ୍କା ମୂଲ୍ୟର ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍ ମଧ୍ୟ ଅନ୍ତର୍ଭୁକ୍ତ। ଏଥିପାଇଁ ଅର୍ଥ ବିଲ୍‌ରେ ପରିବର୍ତ୍ତନ କରାଯାଇପାରେ। ଗତ ବର୍ଷର ବଜେଟରେ ନୂତନ ଟିକସ ବ୍ୟବସ୍ଥାରେ ଆୟକର ଛାଡ ସୀମା ୫ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହାବ୍ୟତୀତ




ଆୟକର ସ୍ଲାବ ସଂଖ୍ୟା ମଧ୍ୟ ସାତରୁ ଛଅକୁ ହ୍ରାସ କରାଯାଇଥିଲା।

ଆହୁରିମଧ୍ୟ ଆଉ ଏକ ରିପୋର୍ଟରେ ଦେଶର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ସରକାର ଟିକସ ରିଆତି ଦେଇପାରନ୍ତି। ନିର୍ବାଚନ ପରେ ଉପସ୍ଥାପିତ ହେବାକୁ ଥିବା ପୂର୍ଣ୍ଣ ବଜେଟରେ କିଛି ପରିବର୍ତ୍ତନ ମଧ୍ୟ କରାଯାଇପାରେ। ଏହି ପ୍ରସ୍ତାବ ପାଇଁ ଫେବୃଆରୀ ପହିଲାରେ ଆଗତ କରାଯିବାକୁ ଅନ୍ତରୀଣ ବଜେଟରେ ଅର୍ଥ ବିଲ୍ ଅଣାଯାଇପାବେ। ଏଥିସହ ସହ ସରକାର ଏଥର ଟିକସ ସଂଗ୍ରହ ପରିସର ବଢ଼ାଇବା ସହିତ ଟିକସଦାତାଙ୍କ ଉପରେ ଟିକସ ବୋଝ ହ୍ରାସ କରିବା ଉପରେ କାର୍ଯ୍ୟ କରୁଛନ୍ତି। ୨୦୨୩-୨୪ ଆସେସ୍‌ମେଣ୍ଟ ବର୍ଷରେ ରେକର୍ଡ ୮.୧୮ କୋଟି ଲୋକ ଆଇଟିଆର୍ ଦାଖଲ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୯ ପ୍ରତିଶତ ଅଧିକ।

ଏଠାରେ ସୂଚନାଯୋଗ୍ୟ ଯେ, ବଜେଟ୍ ୨୦୨୦ରେ ପ୍ରଥମେ ନୂତନ ଟିକସ ବ୍ୟବସ୍ଥା ଘୋଷଣା କରାଯାଇଥିଲା। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଅର୍ଥ ମନ୍ତ୍ରଣାଳୟ ଉଭୟ ନୂତନ ଟିକସ ବ୍ୟବସ୍ଥା ଏବଂ ପୁରୁଣା ଟିକସ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଟିକସଦାତାମାନେ ଆଇଟିଆର୍ ଫାଇଲ୍ କରିବା ଏବଂ କର ରିଆତି ପାଇବା ପାଇଁ ଦୁଇଟି ବିକଳ୍ପ ମଧ୍ୟରୁ ଗୋଟିଏ ଚୟନ କରିପାରିବେ। ତଥାପି, ନୂତନ କର ବ୍ୟବସ୍ଥାକୁ ଡିଫଲ୍ଟ ରଖାଯାଇଛି | ଯଦି ଆପଣ ପୁରୁଣା ଟିକସ ବ୍ୟବସ୍ଥାର ଲାଭ ପାଇବାକୁ ଚାହୁଁଛନ୍ତି ତେବେ ଏହାକୁ ବାଛିବା ଜରୁରୀ। ତେଣୁ, ଆପଣ କୌଣସି ଟିକୁ ଚୟନ କରିନାହାନ୍ତି ତେବେ ତୁମେ ନୂଆ ଟିକସ ବ୍ୟବସ୍ଥାରେ ଆୟକର ଦାଖଲ କରିବେ।

# କିଓରବେର୍ ଏଲେବ୍‌ର ଇକ୍ୱିଟିରୁ ଏ୧ ସିରିଜ୍ ଫଣ୍ଡିଂରେ ୬୨ କୋଟି ସଂଗ୍ରହ

**ଭୁବନେଶ୍ୱର,୮।୧(ସମିସ):** ଅଭିନବ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଷ୍ଟାର୍ଟଅପ୍ କିଓରବେ' ଏକ ନବୀନ ହାଇବ୍ରିଡ୍ ମଡେଲ୍ ଜରିଆରେ ଅପହଞ୍ଚ କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମସ୍ୟାର ନିବାରଣ ଉପରେ ଗୁରୁତ୍ୱାରୋପ କରି ଏକ ସିରିଜ୍ ଏ୧ ଫଣ୍ଡିଙ୍ଗ୍ ରାଉଣ୍ଡ୍‌ରେ ସଫଳତାର ସହ ପ୍ରାୟ ୬୨ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ଏହି ରାଉଣ୍ଡରେ ଅଗ୍ରଣୀ ଭାବେ ଏଲେବର ଇକ୍ୱିଟି, ତାହାର ଉପସ୍ଥିତ ନିବେଶକ ଏବଂ କିଓରବେ' ପ୍ରତିଷ୍ଠାତା ଓ ଅଗ୍ରଣୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ନୂଆ କରି ସଂଗୃହିତ ପାଣ୍ଠି ଯଥେଷ୍ଟ ଡାକ୍ତରୀ ସେବାରୁ ବଞ୍ଚିତ କ୍ଷେତ୍ରରେ ଉଚ୍ଚ ଗୁଣବତ୍ତାଯୁକ୍ତ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଜାରି ରଖିବାରେ ହେଲ୍ଥ-ଟେକ୍ ଇନୋଭେଟରଙ୍କୁ ସକ୍ଷମ କରିବା ସହ ଏକ ବୁଦ୍ଧିମତା ସମ୍ପନ୍ନ ଦୃଢ଼ ସ୍ୱାସ୍ଥ୍ୟ ତଥ୍ୟ ମଞ୍ଚ ନିର୍ମାଣ ଓ ସ୍ୱାସ୍ଥ୍ୟସେବା ଉଦ୍ୟୋଗରେ ପ୍ରତିଭା ତଥା ଶ୍ରେଷ୍ଠ କୁଶଳୀଙ୍କୁ ନିୟୋଜନ କରିବାରେ ବିନିଯୋଗ ହେବ। ନିଜର ପ୍ରଗତି ନିମନ୍ତେ ଉଦ୍ଦିଷ୍ଟ ରଣନୀତି ଅନୁସାରେ କମ୍ପାନୀ ନିଜର ସଦସ୍ୟତା କାର୍ଯ୍ୟକ୍ରମ ଏବଂ ଉଭୟ



ଜ୍ଞାନକୌଶଳ ଓ ଗୋ-ଟୁ-ମାର୍କେଟ୍ ଫ୍ରଣ୍ଟର ଡାଟା ପ୍ରାକ୍ଟିସ୍ ନିର୍ମାଣ ଭଳି ରେକରିଙ୍ଗ୍ ରେଭିନ୍ୟୁ ଷ୍ଟ୍ରିମ୍‌ରେ ନିବେଶ କରି ଡାଟା ମୋନିଟାଇଜେସନ୍ ତଥା ଲାଭପ୍ରଦତା ଉପରେ ଗୁରୁତ୍ୱଦେବାକୁ ଲକ୍ଷ ରଖିଛି।

# ଆଇଏଆଇର ସଦସ୍ୟ ହେଲା ବେଦାନ୍ତ ଆଲୁମିନିୟମ୍

**ଭୁବନେଶ୍ୱର, ୮।୧(ସମିସ):** ବିଶ୍ୱର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀଙ୍କ ମଧ୍ୟରେ ବେଦାନ୍ତ ଆଲୁମିନିୟମ – ଆନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ)ର ନୂତନ ସଦସ୍ୟତା ଲାଭ କରିଛି। ଆନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନ (ଆଇଏଆଇ) ହେଉଛି ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଶିଳ୍ପକୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ପ୍ରତିଷ୍ଠାନ। କମ୍ପାନୀ ମଧ୍ୟ ଧାତୁ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଭାରତର ବୃହତମ ଉତ୍ପାଦକ, ଆର୍ଥିକବର୍ଷ ୨୩ରେ ୨.୨୯ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରୁଛି, ଯାହା ବିଶ୍ୱସ୍ତରରେ ଆଲୁମିନିୟମର ପ୍ରାୟ ୬୦%। ଏହା ବିଶ୍ୱର ଶ୍ରେଷ୍ଠ ୧୦ଟି ବୃହତମ ଉତ୍ପାଦକ କମ୍ପାନୀ ମଧ୍ୟରେ ସ୍ଥାନିତ ହୋଇଛି, ଯାହାକି ବିଶ୍ୱର ଶକ୍ତି ପରିବର୍ତ୍ତନକୁ ସକ୍ଷମ କରିବା ପାଇଁ ଭବିଷ୍ୟତର ଧାତୁ ଭାବରେ ସ୍ୱୀକୃତିପ୍ରାପ୍ତ ତଥା ଜଟିଳ ଇଞ୍ଜିନିୟରିଂ ଟେକ୍ନୋଲୋଜି ଏବଂ ସ୍ଥାୟୀ ପ୍ରୟୋଗକୁ ମଧ୍ୟ ସମର୍ଥନ କରୁଛି। ବେଦାନ୍ତ ଆଲୁମିନିୟମ୍ ସମଗ୍ର ବିଶ୍ୱରେ ବଜାରରେ ୬୦ରୁ ଅଧିକ ଦେଶରେ ଗ୍ରାହକଙ୍କ ସହିତ କାର୍ଯ୍ୟ କରିଛି। ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥିରତାକୁ ଆଗକୁ ବଢାଇବା ପାଇଁ ଆନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନ (ଆଇଏଆଇ)ରେ ଯୋଗଦାନ କରି ଆମେ ଅତ୍ୟନ୍ତ ଆନନ୍ଦିତ ବୋଲି ବେଦାନ୍ତ ଆଲୁମିନିୟମ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି।

# ତାମିଲନାଡୁରେ ୬ ହଜାର କୋଟି ନିବେଶ କରିବ ହୁଣ୍ଡାଇ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):** ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ତାମିଲନାଡୁରେ ହାଇଡ୍ରୋଜେନ ପ୍ରସ୍ତୁତ କେନ୍ଦ୍ର ସ୍ଥାପନ ତଥା ଅନ୍ୟାନ୍ୟ ପଦକ୍ଷେପ ଅନୁଯାୟୀ ୬,୧୮୦ କୋଟି ଟଙ୍କାର ନିବେଶ କରିବ। ଏ ନେଇ ସୋମବାର କମ୍ପାନୀ ଏହି ସୂଚନା ଦେଇଛି। ଏହା ପୂର୍ବରୁ ମଧ୍ୟ କମ୍ପାନି ୨୦୨୩ରୁ ୨୦୩୨ ମଧ୍ୟରେ ୧୦ ବର୍ଷରେ ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାଣ, ଚାର୍ଜି ଭିତ୍ତିଭୂମି ଏବଂ କୌଶଳ ବିକାଶରେ ନିଜର ପ୍ରୟାସକୁ ବଢ଼ାଇବା ପାଇଁ ୨୦ ହଜାର କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଥିଲେ। କମ୍ପାନୀ ତାମିଲନାଡୁର ବୈଶ୍ୱିକ ନିବେଶକ ସମ୍ମିଳନୀ-୨୦୨୪ ସମୟରେ ନୂଆ ନିବେଶକୁ ନେଇ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷରିତ କରିଛି। ଏହାକୁ ନେଇ ହୁ୍ୟଣ୍ଡାଇ ମୋଟର ଇଣ୍ଡିଆ ପ୍ରବନ୍ଧ ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଉନ୍‌ସୁ କିମ୍ କହିଛନ୍ତି ୬,୧୮୦ କୋଟି ଟଙ୍କାର ଏହି ନିବେଶ ରାଜ୍ୟରେ ସାମାଜିକ-ଆର୍ଥିକ ବୃଦ୍ଧିକୁ ପ୍ରୋତ୍ସାହିତ କରିବ।

**ଏସବିଆଇ ରିସର୍ଚ୍ଚ ରିପୋର୍ଟ**

# ଦେଶରେ ଆୟ ଅସମାନତା କମୁଛି

**ନୂଆଦିଲ୍ଲୀ,୮।୧(ଏଜେନ୍ସି)**

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦେଶରେ ଆୟ ଅସମାନତାରେ ହ୍ରାସ ଘଟିଛି। ଏହା ଭାରତୀୟଙ୍କ ଆୟ ବୃଦ୍ଧି ଏବଂ ଭାରତୀୟ ମଧ୍ୟବିତ୍ତଙ୍କ ପ୍ରଗତି ମାଧ୍ୟମରେ ଉନ୍ନତ ସ୍ଥାନାନ୍ତର ଧାରାକୁ ସମର୍ଥନ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଏସବିଆଇ) ରିସର୍ଚ୍ଚର ଏକ ନୂତନ ଅଧ୍ୟୟନରୁ ଜଣାପଡିଛି।

ସିବିଡିଟି ତଥ୍ୟକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ ଆୟକର ଆଧାର ବର୍ଷକୁ ବର୍ଷ ବୃଦ୍ଧି ପାଉଛି ଏବଂ ୨୦୨୧-୨୨ ଆର୍ଥିକବର୍ଷରେ ଆୟକର ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୭୦ ନିୟୁତ ଥିବାବେଳେ ଏହା ୨୦୨୨-୨୩ରେ ୭୪ ନିୟୁତକୁ ବୃଦ୍ଧି ପାଇଛି। ଟିକସ ଆକଳନ ବର୍ଷ ୨୦୨୩-୨୪ ପାଇଁ ୩୧ ଡିସେମ୍ବର ୨୦୨୩ ସୁଦ୍ଧା ମୋଟ ୮୨ ନିୟୁତ ଆୟକର ରିଟର୍ଣ୍ଣ ଦାଖଲ କରାଯାଇଛି। ଏସବିଆଇ ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ୨୦୧୩-୧୪ ଏବଂ ୨୦୨୧-୨୨ ଆକଳନ ବର୍ଷ ମଧ୍ୟରେରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଗତ ଟିକସଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଇଟିଆର ୨୯୫% ବୃଦ୍ଧି ପାଇଛି, ଯାହା ମୋଟ ଆୟର ଉଚ୍ଚ ସୀମାକୁ ଉନ୍ନତିର ସକାରାତ୍ମକ ଧାରାକୁ ଦର୍ଶାଉଛି। ଏହି ସମୟ ମଧ୍ୟରେ ୧୦ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆୟକର ରିଟର୍ଣ୍ଣ ଦାଖଲ (ଆଇଟିଆର) ସଂଖ୍ୟା ମଧ୍ୟ ପ୍ରାୟ ୩ ଗୁଣ (୨୯୧%) ବୃଦ୍ଧି ପାଇଛି।

ଆୟ ଅସମାନତାର ସବୁଠାରୁ ଅଧିକ ବ୍ୟବହୃତ ଉପାୟ ମଧ୍ୟରୁ ଗିନି କୋଏଫିସିଏଣ୍ଟ ଅନ୍ୟତମ। ଗିନି କୋଏଫିସିଏଣ୍ଟ ସ୍କୋର ୦ ରୁ ୧ ମଧ୍ୟରେ ଥାଏ, ଯେଉଁଠାରେ ସମ୍ପୂର୍ଣ୍ଣ ସମାନତାର ଫଳ ଶୂନର ଗିନି କୋଏଫିସିଏଣ୍ଟ ହେବ ଏବଂ ସମ୍ପୂର୍ଣ୍ଣ ଅସମାନତା ୧ ରେ ପରିଣତ ହେବ। ଏହି ଉପାୟ ବ୍ୟବହାର କରି ଏସବିଆଇ ରିସର୍ଚ୍ଚ ହିସାବ କରିଛି ଯେ ଗିନି କୋଏଫିସିଏଣ୍ଟ ମୂଲ୍ୟାୟନ ବର୍ଷ ୨୦୧୪-୧୫ରେ ୦.୪୭୨ ରୁ ୨୦୨୨-୨୩ ପାଇଁ ୦.୪୦୨କୁ ହ୍ରାସ



ପାଇଛି। ଇତିମଧ୍ୟରେ ୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଶୀର୍ଷ ୨.୫% ଟିକସଦାତାଙ୍କ ଅଂଶଧନ ୨୦୧୩-୧୪ରେ ୨.୮୧% ଥିବାବେଳେ ୨୦୨୦-୨୧ରେ ଏହା ୨.୨୮%କୁ ହ୍ରାସ ପାଇଛି। ସମାନ ସମୟ ମଧ୍ୟରେ ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଶୀର୍ଷ ୧% ଟିକସଦାତାଙ୍କ ଅଂଶ ୧.୬୪% ରୁ ୦.୭୭% କୁ ହ୍ରାସ ପାଇଛି। ପିରାମିଡର ତଳଭାଗରେ ଥିବା ବର୍ଗର ଏକ ବଡ଼ ଉନ୍ନତି କାରଣରୁ ଆୟ ଅସମାନତା ହ୍ରାସ ପାଇଛି; ଆର୍ଥିକ ବର୍ଷ ୨୦୧୪ରେ ୩୬.୩ ପ୍ରତିଶତ ବ୍ୟକ୍ତିଗତ ଆଇଟିଆର ଦାଖଲକାରୀ ସର୍ବନିମ୍ନ ଆୟ ବର୍ଗ ଛାଡି ଉପରକୁ ଚାଲିଯାଇଛନ୍ତି ଏବଂ ଆର୍ଥିକ ବର୍ଷ ୨୦୧୪-୨୧ ମଧ୍ୟରେ ଏଭଳି ବ୍ୟକ୍ତିଙ୍କ ପାଇଁ ୨୧.୧ ପ୍ରତିଶତ ଅଧିକ ଆୟ ହୋଇଛି।

ଏସବିଆଇ ଗବେଷଣା ରିପୋର୍ଟରେ ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ବୃଦ୍ଧି ପାଇଥିବା ଦର୍ଶାଯାଇଛି। ଏଥିସହିତ ଏମଏସଏମଇର ଆୟ ସ୍ପଷ୍ଟ ଭାବେ ବୃଦ୍ଧି ପାଇବା ଏବଂ କୋଭିଡ୍ ମହାମାରୀ ପରେ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଉଦାହରଣ ସ୍ୱରୂପ ଲୋକମାନେ ଦୁଇ ଚକିଆ ଯାନ ଛାଡ଼ି ଚାରି ଚକିଆ ଯାନ କିଣିଛନ୍ତି। ଟ୍ରାକ୍ଟରର ବର୍ଦ୍ଧିତ ବିକ୍ରି ଭାରତର ସୁଦୃଢ଼ ଅର୍ଥନୈତିକ ପୁନରୁଦ୍ଧାରକୁ ଦର୍ଶାଉଛି। ବାରମ୍ବାର ' କ' ଆକାରର ଅଭିବୃଦ୍ଧି ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟଣାଇଛି। କେତେକ ବଛାବଛା କ୍ଷେତ୍ର ଭଲ ପ୍ରଦର୍ଶନ କରୁଥିବା ବେଳେ ଅନ୍ୟ କେତେକରେ ହ୍ରାସ ଦେଖିବାକୁ ମିଳିଛି।

# ମାଷ୍ଟର ଟ୍ରେନରଙ୍କ ଦକ୍ଷତା ବିକାଶ ପାଇଁ ଦୁଇଦିନିଆ 'ମୁକ୍ତା' କର୍ମଶାଳା

କଟକ, ୮ ।୧(ସମିସ): କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନ ହଲ୍‌ଠାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନାରେ ମାଷ୍ଟର ଟ୍ରେନରମାନଙ୍କର ଦୁଇ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସିଏମସି ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଂଘ ସଦସ୍ୟମାନଙ୍କୁ ସଶକ୍ତ କରିବା ଲାଗି ଏହି ତାଲିମ ମାଷ୍ଟର ଟ୍ରେନରମାନଙ୍କ ପାଇଁ ଯଥେଷ୍ଟ ଜରୁରୀ ବୋଲି କହିଥିଲେ। ପ୍ରଥମ ଦିନରେ ବାଙ୍କି, ଆଠଗଡ, ଚୌଦ୍ୱାର ଓ କଟକ ମହାନଗର ଅଞ୍ଚଳରୁ ଆସିଥିବା ୨୭ ଜଣ ପ୍ରଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା) ଦ୍ୱାରା ଏହି ତାଲିମ ପ୍ରଦାନ କରାଯାଉଛି। ମିଶନ ଶକ୍ତି ଗୋଷ୍ଠୀମାନଙ୍କ ସଫଳ ତାଲିମ ପାଇଁ ପ୍ରଶିକ୍ଷକମାନେ କିଭଳି ନିଜକୁ ପ୍ରସ୍ତୁତ କରିବେ ସେ ସଂପର୍କରେ ଶିକ୍ଷା ଦିଆଯାଇଥିଲା। ଯାହା ଫଳରେ ମୁକ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ମହିଳାମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହିତ ସହଜରେ ଅଧିବେଶନ ପରିଚାଳନା କରିପାରିବେ। ବିଶେଷକରି ସେମାନଙ୍କୁ ଡିଜିଟାଲ ସାକ୍ଷରତା ସଂପର୍କରେ ଅବଗତ କରାଯିବ, ଯାହା ଫଳରେ ଡିଜିଟାଲ ଉପକରଣଗୁଡିକର ବ୍ୟବହାର ଉପରେ ମିଶନ ଶକ୍ତି ମହିଳାମାନେ ଜ୍ଞାନ ଆହରଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ସୋନା ଟୁଡ୍ଡୁ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟର ସଚେତନତା କାର୍ଯ୍ୟକ୍ରମ




କଟକ,୮ ।୧(ସମିସ): ସଡକ ସୁରକ୍ଷା ଜୀବନ ରକ୍ଷା ଉପରେ କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏକ ନିଆରା ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ ଲିଙ୍କରୋଡ ସ୍ଥିତ ଟ୍ରାଫିକ ପଏଣ୍ଟ ଏବଂ ସତୀଚଉରା ଟ୍ରାଫିକ ପୋଷ୍ଟ ରେ କରାଯାଇଛି। ଲୋକଙ୍କୁ ହେଲମେଟ ପିନ୍ଧିବା, ସିଟ ବେଲ୍ଟ ଲଗାଇବା, ଗାଡି ଦ୍ରୁତ ଗତିରେ ନ ଚଲାଇବା, ମଦ୍ୟପାନ କରି ଗାଡି ନ ଚଳାଇବା ଏପରି ଅନେକ ବିଷୟରେ ସଚେତନତା ବାର୍ତ୍ତା ଟ୍ରଷ୍ଟ ର ସମସ୍ତ ସଦସ୍ୟମାନେ ପ୍ରଦାନ କରିଥିଲେ। ଟ୍ରଷ୍ଟ ର ମୁଖ୍ୟ ଲିପ୍ତିମୟୀ ମହାନ୍ତି ଙ୍କ ଅଧକ୍ଷତାରେ ଏହି କାଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟ ର ସଦସ୍ୟ ଏବଂ ସଦସ୍ୟା ମାନେ ଗୋଲାପ ଫୁଲ ଏବଂ ଚକଲେଟ ଦେଇ ଲୋକଙ୍କୁ ବୁଝାଇଥିଲେ।

## ଗୁଡ଼ି ଉଡ଼ା ଓ ମାଞ୍ଜା ସୂତା ଉପରେ କଟକଣା ଜାରୀ

# କମିଶନରେଟ୍ ପୁଲିସ ଗଢ଼ିଲା ସ୍ୱତନ୍ତ୍ର ସ୍କ୍ୱାଡ୍

କଟକ,୮ ।୧(ସମିସ):

ମକର ସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡା ପ୍ରତିଯୋଗୀତା। ସହରର ବିଭିନ୍ନ ଅଞ୍ଚଳରେ ସେବେଠାରୁ ଗୁଡ଼ି ଉଡାଇବା ଜୋରଦାର ହୁଏ। ଯୁବବର୍ଗଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି। ପୂର୍ବବର୍ଷ ବର୍ଷ ଗୁଡ଼ିକରେ ଏହି ଗୁଡ଼ି ଉଡା ଯୋଗୁଁ ଅନେକ ଅଘଟଣ ଘଟିଛି। କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି। ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦଶଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି। ଆସନ୍ତା କାଲି ଠାରୁ ସହରର ଗୁଡି ଦୋକାନ ଗୁଡ଼ିକରେ ଚଢଉ କରାଯିବ ବୋଲି ଅତିରିକ୍ତ ଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ଏଡିସିପି ଶ୍ରୀ ମିଶ୍ର କହିଛନ୍ତି। ଯେଉଁମା ।ନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦଶଙ୍କୁଳ ସ୍ଥାନରେ ଗୁଡି ଉଡାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ନିଷିଦ୍ଧ ମାଞ୍ଜା ସୂତାରେ ଗୁଡି ଉଡାଇବା ମନା**




**ସହରରେ ଚଢଉ ହେବ: ଏଡିସିପି**

ଏଠାରେ ସୂଚନାଯୋଗ୍ୟ, ଆଉ ମାତ୍ର ୭ ଦିନ ମକରସଂକ୍ରାନ୍ତି ପାଳନ ହେବାକୁ ଥିବା ବେଳେ ଏବେ ଠାରୁ ସହରରେ ମାଳ ମାଳ ଗୁଡି ଉଡା ଆରମ୍ଭ ହେଲାଣି। ଏପରିକି ଗୁଡି ଉଡା ଲାଗି ମାଞ୍ଜା ସୂତା ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ରହିଛି। ତଥାପି ଏହି ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଯୋଗୁ ଅନେକ ଲୋକଙ୍କ ପାଇଁ ଏହା କାଳ ସାଜୁଛି। ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡି ଉଡାଇ ଥାନ୍ତି। ଏପରିକି ଗୁଡି ଉଡାଇବା ଲାଗି ପ୍ରତିଯୋଗିତା ମଧ ବିଭିନ୍ନ ସ୍ଥାନରେ ହୋଇଥାଏ। ଗୁଡି ଉଡାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ ଗୁରୁତ୍ୱ ଦେଇଥାନ୍ତି। ତେଣୁ ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇଥାଏ। ଏହି ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ପ୍ଲାଷ୍ଟିକ୍‌ର ଆବରଣ ରହିଥାଏ। ଯାହା ଅନ୍ୟ ଗୁଡି ସୂତାକୁ କାଟିବାରେ ସହାୟକ ହୋଇଥାଏ। ତେବେ ପ୍ରତିଯୋଗିତା ବେଳେ ଗୁଡି ସୂତା କଟିଯାଉଥିବା ବେଳେ ଏହି ସୂତା ଘର, ଗଛ କିମ୍ବା ରାସ୍ତାର ବିଭନ୍ନ ସ୍ଥାନରେ ଖେଳେଇ ହୋଇ ପଡିଥାଏ। ଫଳରେ ଯାତ୍ରୀଙ୍କ ଦେହରରେ ଏହି ସୂତା ଗୁଡାଇ ହୋଇ କ୍ଷତି ପହଞ୍ଚାଇ ଥାଏ। ଏଥିପ୍ରତି ଏବେଠାରୁ ସିଏମ୍‌ସି, ପୁଲିସ ଓ ପ୍ରଶାସନ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପୂର୍ବବର୍ଷ ଗୁଡ଼ିକରେ ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୁତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଥିବା ଦେଖିବାକୁ ମିଳେ। ଏପରିକି ଅନ୍‌ଲାଇନ୍‌ରେ ମଧ ଏହି ସୂତା ବିକ୍ରି କରାଯାଉଛି। ହେଲେ ଚଳିତ ବର୍ଷ ଏହି କଟକଣାକୁ କଡାକଡି କରାଯାଉଛି। ପ୍ରତ୍ୟେକ ଥାନାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଞ୍ଜା ସୂତା, ଗୁଡି ଏବଂ ନଟେଇ ଜବତ କରିବା ନିମନ୍ତେ କୁହାଯାଇଛି।

ଅନ୍ୟପକ୍ଷରେ ୨୦୧୬ ମସିହାରେ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଞ୍ଜା ସୂତାର ବ୍ୟବହାର ଓ ଗୁଡି ଉଡା ଉପରେ କଟକଣା ଲଗାଯାଇଥିଲା। ମାଞ୍ଜା ସୂତାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଥିଲା। ଏହି ସୂତା ବିକ୍ରି କଲେ କିମ୍ବା ଗୁଡିରେ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ନିୟମ ହୋଇଥିଲା। ଏପରରିକି ଜନଗହଳି ପୂର୍ଣ୍ଣ ସ୍ଥାନ କିମ୍ବା ଘରର ଛାତ ଉପରେ ଗୁଡି ଉଡା ଉପରେ କଟକଣା ଜାରୀ କରାଯାଇଥିଲା। ଛାତ ଉପରେ କିମ୍ବା ରାସ୍ତାରେ ଛିଡା ହୋଇ ଗୁଡି ଉଡାଇଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଖେଳପଡିଆ, ନଦୀବାଲି କିମ୍ବା ଫାଙ୍କା ସ୍ଥାନରେ କଟନ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ନିୟମ ହୋଇଥିଲା। ମାତ୍ର ଏହି ନିର୍ଦ୍ଦେଶନାମା ଠିକ୍ ଭାବେ ପାଳନ କରାଯାଉ ନାହିଁ। ବହୁ ବ୍ୟବସାୟୀ ମାଞ୍ଜା ସୂତା ଅବାଧରେ ବିକ୍ରି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି।

# ଆରଟିଆଇରେ ସୂଚନା ଦେଉନାହାଁନ୍ତି ପିଇଓ

ନରସିଂହପୁର,୮ ।୧(ସମିସ): ନରସିଂହପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଦୁର୍ନୀତି ହେଉଥିବା ଅଭିଯୋଗ ନେଇ କିଛି ସଚେତନ ନାଗରିକ ଆରଟିଆଇ ବା ସୂଚନା ଅଧିକାର ଆଇନ ବଳରେ ପଞ୍ଚାୟତର ତଥ୍ୟ ମାଗିଥିଲେ। ଯାହା କି ଏକ ମାସ ମଧ୍ୟରେ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ନରସିଂହପୁର ବ୍ଲକରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ପ୍ରଦାନ ଦାୟିତ୍ୱରେ ଥିବା କର୍ମଚାରୀଙ୍କର କଥା କୌଣସି ପଞ୍ଚାୟତର ପିଇଓ ମାନୁ ନ ଥିବା ଖବର ମିଳିଛି। ଚମ୍ପେଶ୍ୱର, ନୁଖାପଡା, କମଳାଡିହ, ବାଲିସାହି, ରେଗେଡା, କାନପୁର, ବଡ଼ଭୂଇଁ ଆଦି ପଞ୍ଚାୟତରୁ ସୂଚନା ଅଧିକାର ବଳରେ ତଥ୍ୟ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଚମ୍ପେଶ୍ୱର ଓ ନୁଖାପଡା ପଞ୍ଚାୟତର ପିଇଓଙ୍କୁ ବାରମ୍ବାର ନୋଟିସ ଜାରି ହୋଇଥିଲେ ମଧ ତଥ୍ୟ ଦେବାରେ ବିଳମ୍ବ କରୁଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି ସୂଚନା ନ ଦେଲେ ପିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଡ. ସଂଜିତା ମିଶ୍ରଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର'

କଟକ,୮ ।୧(ସମିସ): 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ; ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଡକ୍ଟର ସଂଜିତା ମିଶ୍ରଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର' ପ୍ରଦାନ କରାଯିବ। ଓଡ଼ିଆ ଭାଷା ସାହିତ୍ୟରେ ଗବେଷଣା ସହ ପ୍ରବନ୍ଧ ରଚନା ଓ ସଂପାଦନା କ୍ଷେତ୍ରରେ ଡକ୍ଟର ମିଶ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ପ୍ରୟୋଗରୁ ପ୍ରତିଶ୍ରୁତି : ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତା' ହେଉଛି ଡକ୍ଟର ମିଶ୍ରଙ୍କ ଗବେଷଣା ନିବନ୍ଧ। 'ସବୁ ସମୟର ସନେଟ୍', 'ଇଂ. ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଏଷଣା ଓ ଅନ୍ୱେଷା', 'ସୁଚିତ୍ରା ଦେବୀଙ୍କ ସଚିତ୍ର କଥାଲହରୀ', 'ମହେଶ୍ୱର ମିଶ୍ରଙ୍କ କଥିତ ଅବୋଲକରା କାହାଣୀ ମାଳା' 'ବେଣୁଧର ରଚନା ସମଗ୍ର', 'ପୀତାମ୍ବରୀ ଦେବୀ ରଚନା ସମଗ୍ର' ଡକ୍ଟର ମିଶ୍ରଙ୍କ ଗୋଟିଏଗୋଟିଏ ଉଲ୍ଲେଖନୀୟ କୃତି। ଗବେଷଣା ଧର୍ମୀ ଆଭିମୁଖ୍ୟ ଓ ବକ୍ତବ୍ୟରେ ସ୍ୱଷ୍ଟତା ହେଉଛି ତାଙ୍କର ବିଶେଷତ୍ୱ। ସଂପ୍ରତି ଡକ୍ଟର ମିଶ୍ର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗମୁଖ୍ୟ ଭାବରେ କାର୍ଯ୍ୟରତ। ଜାତୀୟ ଯୁବଦିବସ ଅବସରରେ ଆସନ୍ତା ୧୨ ତାରିଖ ସଂଧ୍ୟାରେ ଆୟୋଜିତ ଉତ୍ସବରେ ଡକ୍ଟର ମିଶ୍ରଙ୍କୁ ଏହି ପୁରସ୍କାର ସ୍ୱରୂପ ନଗଦ ୧୦ ହଜାର ଟଙ୍କା, ଅନୁଷ୍ଠାନର ସ୍ମାରକଚିହ୍ନ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା



ସମିତି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ ଯୋଗଦେବାକୁ ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ୨୦୨୨ ମସିହାଠାରୁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୫୦ବର୍ଷ ବୟସରୁ କମ୍ ଗବେଷକ/ଗବେଷିକାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

# ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

ଫୁଲନଖରା,୮ ।୧(ସମିସ):

ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସମିତିର ସଭାପତି ଗୋଲେଖ ଚନ୍ଦ୍ର ପାତ୍ର ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତିର ଉପ ସଭାନେତ୍ରୀ ସ୍ମିତା ମହାନ୍ତି, ସମିତିର ନିର୍ଦ୍ଦେଶକ ବାବାଜି ଚରଣ ମହାନ୍ତି, ପ୍ରତିମା ମହାନ୍ତି, ରାକେଶ ଜେନା, ସୁକାନ୍ତ ବେହେରା, ପ୍ରଣୟ ପଟ୍ଟନାୟକ, ବିଜୟ ଜେନା, ମନୋଜ ତରାଇ ଓ ଆର୍‌ଏମ୍‌ସି କର୍ମକର୍ତ୍ତାମାନେ ପ୍ରମୁଖ ଯୋଗଦେଇଥିଲେ। ସମିତି ଅଧୀନରେ ଥିବା କୁରାଙ୍ଗଶାସନ, କୁରାଙ୍ଗ ପ୍ରଧାନ, ନଗରୀ ଆଦି ଗ୍ରାମପଞ୍ଚାୟତ ସହିତ ଦକ୍ଷିଣ ଉଷୁମା ଗ୍ରାମରୁ ବହୁ ଚାଷୀ ପ୍ରଥମ ଦିନରେ ଉପସ୍ଥିତ ଥିଲେ। .ଷୀମାନେ ସୁବିଧାରେ ଧାନ ବିକ୍ରୟ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ସହ ଚାଷୀଙ୍କ ବିଶ୍ରାମ ନେବା ପାଇଁ ଏକ ଶୀତତାପ ନିୟନ୍ତ୍ରିତ ଗୃହ ବ୍ୟବସ୍ଥା କରାଯାଇଛି ବୋଲି ସଭାପତି ଶ୍ରୀ ପାତ୍ର ପ୍ରକାଶ କରିଥିଲେ। ପ୍ରଥମ ଦିନରେ ୪ଜଣ ଚାଷୀଙ୍କ ଠାରୁ ୩୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି ଏବଂ ଚଳିତ ବର୍ଷ ୭୩୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ସମିତିର ସଂପାଦକ ପ୍ରଣୟ ଦାଶ ପ୍ରକାଶ କରିଛନ୍ତି। ଆର୍‌ଏମ୍‌ସିର ଅଧିକାରୀମାନେ ଉପସ୍ଥିତ ରହି ପ୍ୟାଡି କ୍ଲିନର, ଡିଜିଟାଲ ମଏଶ୍ଚର ମେସିନ ମାଧ୍ୟମରେ ଧାନର ମାନ ନିର୍ଦ୍ଧାରଣ କରିବା ସହ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର କର୍ମଚାରୀ ରାଧାକାନ୍ତ ପାତ୍ର ଓ ତୃଷାନ୍ତ ପାତ୍ର ସହଯୋଗ କରିଥିଲେ।

**ନିଆଳି :** ନିଆଳି ବ୍ଲକ୍ ଅନ୍ତର୍ଗତ ପହଙ୍ଗା, ବାହାରଣା ଓ ମାଧବ ସେବା ସମବାୟ ସମିତି ପକ୍ଷରୁ ସୋମବାର ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପହଙ୍ଗା ସେବା ସମବାୟ ସମିତିର ସଭାପତି ପରମାର୍ଥ ଦାସ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ସତ୍ୟ ରଞ୍ଜନ ବିଶ୍ୱାଳ, ଜିତେନ୍ଦ୍ର ପରିଡ଼ା, ରାଜକିରଣ ପ୍ରସାଦ, ସହ ସମ୍ପାଦକ ବିକାଶ ରଞ୍ଜନ ରାୟ, ଧାନ କ୍ରୟ କମିଟିର ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀଧର ରାଉତ, ହୃଶିକେଷ ବିଶ୍ୱାଳ, ଦ୍ୱିଜବର ରାଉତ, ନଟବର ମହାନ୍ତି, ଧରଣୀଧର ନାୟକ, ପରିଚାଳନା ପରିଷଦର ଶାନ୍ତନୁ ପ୍ରଧାନ, ପରେଶ ଚନ୍ଦ୍ର ସ୍ୱାଇଁ, ଗୋଲାପ ବସ୍ତିଆ, ଶ୍ରୀଚରଣ କାଠୁଆ, ଶାନ୍ତିଲତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୧୭ ଜଣ ଚାଷୀଙ୍କ ଠାରୁ ୪୩୮ କ୍ୱିଣ୍ଟାଲ ୬୪ କେଜି ଧାନ କ୍ରୟ କରାଯାଇଥିଲା। ବାହାରଣା ସେବା ସମବାୟ ସମିତିରେ ସମାଜସେବୀ ତଥା ବରିଷ୍ଠ ଚାଷୀ ଗିରିଶ ଚନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦ୍‌ଘାଟନ କରିଥିବା ବେଳେ ସଭାପତି ସୁନିଲ ପରିଡ଼ା, ସମ୍ପାଦକ ନିର୍ମଳ ଜେନାଙ୍କ ସମେତ ଚାଷୀ ଅଶୋକ କୁମାର ରାୟ, ଗୌତମ ବିହାରୀ, ଦ୍ରୋଣାଚାର୍ଯ୍ୟ ନାୟକ, ଗୋପ ସ୍ୱାଇଁ, ବିଷ୍ଣୁ ଚରଣ ପ୍ରଧାନ, ପ୍ରତାପ ପରିଡ଼ା, ନିତ୍ୟାନନ୍ଦ ଭୋଇ, ଦିପ୍ତିମୟୀ ଜେନା, ବିଜୟ ଖଟୋଇ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ୨୦ଜଣ ଚାଷୀଙ୍କ ଠାରୁ ୬ ଶହ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସେହିପରି ମାଧବ ସେବା ସମବାୟ ସମିତିରେ ସଭାପତି ଶ୍ରୀକାନ୍ତ ଖୁଣ୍ଟିଆ ମଣ୍ଡି ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ସରୋଜ ମଲ୍ଲିକ, ରବିନ୍ଦ୍ରନାଥ ସାହୁ, ନରୋତ୍ତମ ସ୍ୱାଇଁ, ମହେନ୍ଦ୍ର ନାୟକ, ପ୍ରଦୀପ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୯ଜଣ ଚାଷୀଙ୍କ ଠାରୁ ୨୧୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା।



ନିଶ୍ଚିନ୍ତକୋଇଲି



ବାଙ୍କୀ

**ଟାଙ୍ଗୀ :** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ହଳଦୀବସନ୍ତ ସେବା ସମବାୟ ସମିତି ଦ୍ୱାରା ଗରୁଡ଼ଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲଙ୍କ ପୌରହିତ୍ୟରେ ଏବଂ ମୁଖ୍ୟଅତିଥି ମହିମା ଅଲେଖ ଅବଧୂତ ଶୁକଦେବ ଦାସ ଓ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଦ୍ୱାରା ସୋମବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ନାଏବ ସରପଞ୍ଚ ମାନସ ଭଗତ, ସମିତି ସଭାପତି କରୁଣାକର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମୂଲ୍ୟ ସାହୁ, ସୁବାଷ ବେଉରା, ରବିନାରାୟଣ ରାଉତ ଓ ରମେଶ ସାମଲ ପ୍ରମୁଖ ଯୋଗଦାନ କରି ସଫଳଭାବରେ କୃଷକଙ୍କ ଧାନ ବିକ୍ରି ଉପରେ ଆଲୋକପାତ କରିଥିଲେ। ଶେଷରେ ସମିତି ସମ୍ପାଦକ ନିକୁଞ୍ଜ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି କୋଟସାହି ସେବା ସମବାୟ ସମିତି ଦ୍ୱାରା ସମିତି ସଭାପତି ନିଳେନ୍ଦ୍ର ନାୟକଙ୍କ ପୌରହିତ୍ୟ ଓ ମୁଖ୍ୟଅତିଥି ବିଧାୟକ ଶ୍ରୀ ବେହେରାଙ୍କ ଦ୍ୱାରା ଧାନମଣ୍ଡି ଉଦଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମିନାକ୍ଷୀ ଦାସ, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ଉଚ୍ଚପଦା ସରପଞ୍ଚ ପ୍ରଭାସ୍ମିତା ସ୍ୱାଇଁ, ଆୱା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଜିଲ୍ଲା ବିଜେଡି ସମ୍ପାଦକ ଆଶିଷ ଷଡ଼ଙ୍ଗୀ, ସଂଗଠକ ଜନ୍ମେଜୟ ଖିଲାର, ପରମଜିତ ମହାନ୍ତି ଓ ମାନସ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନ ଉତ୍ସବରେ ୨୫ ଜଣ ଚାଷୀଙ୍କ ଠାରୁ ୭୦୦ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଥିଲା। କର୍ମଚାରୀ ହରମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ନିଶ୍ଚିନ୍ତକୋଇଲି :** ଜିଗ୍ନୀପୁର ସ୍ଥିତ ବଳଦେବଜୀଉ ସେବା ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ ମହମ୍ମଦ ଅମିନ୍ ଖାଁଙ୍କ ତତ୍ତ୍ୱାବଧାନରେ ସଭାପତି ଧିରେନ୍ଦ୍ରନାଥ ବେହେରା ମଣ୍ଡିକୁ ଉଦଘାଟନ କରିବା ପରେ ମୁରଲୀଧର ଆଗ୍ରୋ ମିଲରଙ୍କ ଦ୍ୱାରା ୮ଜଣ ଚାଷୀଙ୍କ ଠାରୁ ୪ଶହ କ୍ୱିଣ୍ଟାଲ ଧାନ କିଣାଯାଇଛି। ଏହି ଉଦଘାଟନ ସମୟରେ ଆରଏମସି କର୍ମଚାରୀ ତାହେର ବକ୍ସ, ମିଲ କର୍ମଚାରୀ ଜଗନ୍ନାଥ ପ୍ରଧାନ, ଡିଇଓ ମିହିର ତାହେର ଅଲ୍ଲୀ, ସମିତିର ସଭ୍ୟ ପ୍ରମୋଦ ବେହେରା, ପ୍ରଫୁଲ୍ଲ ପୃଷ୍ଟି, ପୂର୍ଣ୍ଣାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅସୁରେଶ୍ୱର ସେବା ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ କୈଳାସ ବାରିକଙ୍କ ନେତୃତ୍ୱରେ ସଭାପତି ମନୋରଞ୍ଜନ ଭୂୟାଁ ମଣ୍ଡିକୁ ଉଦଘାଟନ କରିଥିଲେ। ଚଳିତବର୍ଷ ମୋଟ ୪୧୨ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜିକୃତ କରିଥିଲାବେଳେ ପ୍ରଥମ ଦିନରେ ୨୨ ଜଣ ଚାଷୀ ୬୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏଥିରେ ସରପଞ୍ଚ ଚିତ୍ତ ରଞ୍ଜନ ମଲିକ, ବିଜୟ ବଳ, ଅନନ୍ତ ଦାସ, ଶାରଦାପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ବାଙ୍କୀ :** ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ସେବା ସମବାୟ ସମିତିରେ ଧାନମଣ୍ଡି ଆଜି ଉଦ୍‌ଘାଟିତ ହୋଇଛି। ଜିଲ୍ଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ ଏହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ୫ହଜାର କୁଇଣ୍ଟାଲ ଖରିଫ୍ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବା ବେଳେ ଆଜି ୪୧୦ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। କୁଶୁପଙ୍ଗି ସେବା ସମବାୟ ସମିତି ସଭାପତି ବ୍ରଜକିଶୋର ବେଉରା, ସରପଞ୍ଚ ନରେଶ ଚନ୍ଦ୍ର ବେଉରା, ଅରାଚଣ୍ଡୀ ସେବା ସମବାୟ ସମିତି ସଭାପତି ଜୟଦେବ ଜେନା, ବାଙ୍କୀ ସମବାୟ ସର୍କଲ ଏଆରସିଏସ୍ ସୁରେନ୍ଦ୍ର ଜେନା, ସେବା ସମବାୟ ସମିତି ସଂପାଦକ ରମେଶ ଚନ୍ଦ୍ର ନାୟକ ଓ କର୍ମ.ରୀ ସୁରେଶ ଚନ୍ଦ୍ର ରାଜ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ସାହାଡାପଦା ସେବା ସମବାୟ ସମିତିରେ ଧାନମଣ୍ଡି ଆଜି ନିୟନ୍ତ୍ରିତ ବଜାର କମିଟି ପରିସରରେ ଖୋଲାଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ସାହାଡ଼ାପଦା ସେବା ସମବାୟ ସମିତିର ସଭାପତି ସୁବାସ ଚନ୍ଦ୍ର ପାଢୀ ଧାନମଣ୍ଡିର କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଆଜି ୧୮ଜଣ ଚାଷୀଙ୍କଠାରୁ ୨ ଶହ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ଧର୍ମାନନ୍ଦ ସ୍ୱାଇଁ, ନବକିଶୋର ନାୟକ, ଅକ୍ଷୟ ଲେଙ୍କା, ପିତବାସ ରାଉତ, ପ୍ରବୋଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ନିବନ୍ଧକ ସୁରେନ୍ଦ୍ର ଜେନା ଓ ସମିତି ସଂପାଦକ ପ୍ରିୟବ୍ରତ ପରିଡାଙ୍କ ଉପସ୍ଥିତିରେ ଧାନମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯାଇଥିଲା।




ଫୁଲନଖରା



ଟାଙ୍ଗୀ



ନିଆଳି

## ଦାଦାବଟି ମାଗି ଜଣେ ଗିରଫ

**ଫୁଲନଖରା,୮ ।୧(ସମିସ):** କଟକ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁର ଅଞ୍ଚଳର ବାଲି ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ପୁଲିସ ସୋମବାର ଜଣେ ଅପରାଧୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଶ୍ୟାମପୁର (ଗୋପାଳପୁର) ଅଞ୍ଚଳର ରାକା ଓରଫ ନୃସିଂହ ଚରଣ ଜେନା । ଏ ନେଇ ଥାନାରେ ୧୩/୨୪ରେ ଏକ ମାମଲା ରୁଜୁ ହୋଇଛି । ପୁଲିସ କହିଛି ସୁଭଦ୍ରାପୁର ଅଞ୍ଚଳର ବିଶ୍ୱରଞ୍ଜନ ବିଶ୍ୱାଳ ବାଲି ବ୍ୟବସାୟ କରନ୍ତି । ମାତ୍ର ଅଭିଯୁକ୍ତ ରାକା ୨ ଲକ୍ଷ ଟଙ୍କା ଦାଦାବଟି ନ ଦେଲେ ଆଉ ବାଲି ବ୍ୟବସାୟ କରିପାରିବ ନାହିଁ ବୋଲି ଧମକ ଦେବା ସହ ବିଶ୍ୱରଞ୍ଜନଙ୍କୁ ଆକ୍ରମଣ କରିଥିଲା । ଏ ସଂକ୍ରାନ୍ତରେ ଶ୍ରୀ ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ରାକାକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ ଓ ଲୁଟ୍; ୨ ଗିରଫ

**ସାଲେପୁର,୮ ।୧(ସମିସ):** ମୋ ବସ୍ କଣ୍ଡକ୍ଟରଙ୍କୁ ମାଡ଼ମାରି ଟଙ୍କା ଛଡାଇବା ଅଭିଯୋଗରେ ସାଲେପୁର ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୋଗରୁ ପ୍ରକାଶ ଯେ ଗତକାଲି ରାତିରେ ସାଲେପୁରର ମୋ ବସ ରହିବା ଷ୍ଟାଣ୍ଡରେ ଗାଡ଼ି ଛିଡାକରି କଣ୍ଡକ୍ଟର ରଘୁନାଥପୁର ଭଦ୍ରକ ଅଞ୍ଚଳର ପ୍ରଭାକର ପାତ୍ର ନିକଟରେ ଥିବା ଏକ ନଳକୂପକୁ ପାଣି ଆଣିବାକୁ ଯାଉଥିବାବେଳେ ହଠାତ୍ ପୁରୁଷୋତ୍ତମପୁର ଗ୍ରାମର ସଂଜୟ ବେହେରା ଓ ବଣହରା ଗ୍ରାମର ରାମଚନ୍ଦ୍ର ରାଉତ ପ୍ରଭାକରଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରି ଟଙ୍କା ବ୍ୟାଗ୍ ଛଡାଇ ଚମ୍ପଟ ମାରିଥିଲେ । ଏହି ଘଟଣାଟି ମୋ ବସରେ ଲାଗିଥିବା ସିସିଟିଭିରେ କଏଦ୍ ହୋଇଥିଲା । ଏ ସଂପର୍କରେ ପ୍ରଭାକର ସାଲେପୁର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜକୁ ଆଧାର କରି ଆକ୍ରମଣକାରୀ ସଞ୍ଜୟ ଓ ରାମଚନ୍ଦ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଚୋରି କରୁଥିବା ବେଳେ ୩ ଗିରଫ

**ସାଲେପୁର,୮ ।୧(ସମିସ):** କେନାଲରେ ଥିବା ଲକ୍‌ର ଲୁହା ସଟରକୁ ଚୋରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଆଜି ସାଲେପୁର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲରୁ ବାହାରିଥିବା ୨ ଏ-୧ରେ ଥିବା ଏକ ଲକ୍‌ର କବାଟକୁ ଗତକାଲି ବିଳମ୍ବିତ ରାତ୍ରିରେ ମାଳଶାସନ ଗ୍ରାମର ସନ୍ତୋଷ ଭୋଇ, ସରୋଜ ଭୋଇ, ରତ୍ନାକର ଦାସ କାଟି ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀମାନେ ଏହା ଜାଣିପାରି ଜପକୁଦ ଫାଣ୍ଡିକୁ ଖବର ଦେଇଥିଲେ । ଏ ସମ୍ପର୍କରେ ମଧ୍ୟ ନୂର୍ଗାଙ୍ଗ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବୈକୁଣ୍ଠ ବିହାରୀ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଗ୍ରହଣ କରି କେନାଲରେ ଥିବା ଲକ୍ ସଟର ଚୋରି କରିବା ଅଭିଯୋଗରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରିଛି ।

## ଅମାନିଆ ଚାଳକଙ୍କ ଗାଡ଼ି ଜବତ

**ସାଲେପୁର,୮ ।୧(ସମିସ):** ଦ୍ରୁତଗତିରେ ଗାଡ଼ି ଚଳାଇବା ଅଭିଯୋଗରେ ସାଲେପୁର ପୁଲିସ ଜଣକ ନାମରେ ମାମଲା ରୁଜୁ କରିବା ସହ ଗାଡ଼ିଟିକୁ ଜବତ କରିଥିବା ଜଣାଯାଇଛି । ଅଭିଯୋଗରୁ ପ୍ରକାଶ ଯେ ଆଜି ଜଗତପୁର ଥାନା ଅଞ୍ଚଳର ନଜରପୁର ଗ୍ରାମର ଅନିଲ ରାଜବଂଶୀଙ୍କ ପୁଅ ଜିତେନ୍ଦ୍ର ରାଜବଂଶୀ ଏକ ବାଇକକୁ ଦ୍ରୁତଗତିରେ ଚଳାଉଥିବାବେଳେ ସାଲେପୁର ପିସିଆର ହାବୁଡ଼ରେ ମାଛୁଆଡି ଛକ ନିକଟରେ ପଡିଥିଲେ । ପୁଲିସ ସଂପୃକ୍ତ ଗାଡ଼ିଟିକୁ ଜବତ କରିବା ସହ ଦ୍ରୁତଗତିରେ ମୋଟର ସାଇକଲ ଚଳାଇବା ଅଭିଯୋଗରେ ଜିତେନ୍ଦ୍ରଙ୍କ ନାମରେ ଏକ ମାମଲା ରୁଜୁ କରି ନୋଟିସ୍ କରି ପରେ ଛାଡିଦେଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ମହିଳାଙ୍କ ଆତ୍ମହତ୍ୟା

**ସାଲେପୁର,୮ ।୧(ସମିସ):** ଆଜି ଅପରାହ୍ନରେ ଜଣେ ମହିଳା ଫ୍ୟାନ୍‌ରେ ନିଜ ଷ୍ଟ୍ରାପ୍ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ କିଶନନଗର ଥାନା ଅଧୀନ ଗଙ୍ଗାପୁର ଗ୍ରାମର ପ୍ରଫୁଲ୍ଲ ଓଝାଙ୍କ ପତ୍ନୀ ପଙ୍କଜିନୀ ଓଝା (୪୪) କୌଣସି କାରଣରୁ ନିଜ ଶୋଇବା ଘରେ ଥିବା ଫ୍ୟାନ୍‌ରେ ନିଜ ବେକରେ ଷ୍ଟ୍ରାପ୍ ବାନ୍ଧି ଝୁଲୁଥିବାର ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସେ କିଛି ଦିନ ହେବ ମାନସିକ ଚାପରେ ରହିଥିବାରୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି ।

## ସାଲେପୁରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୪୫ଟି ଆପତ୍ତି ଅଭିଯୋଗ ଆଗତ

**ସାଲେପୁର,୮ ।୧(ସମିସ)**

ସାଲେପୁର ବ୍ଲକ୍‌ରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାପାଳ ନରହରି ସେଠୀ ଆଜି ସାଲେପୁର ବ୍ଲକ୍‌ରେ ପହଞ୍ଚି ବିଭିନ୍ନ ପଞ୍ଚାୟତରୁ ଆପତ୍ତି ଅଭିଯୋଗ ନେଇ ଆସିଥିବା ୪୫ଜଣ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ତତ୍କାଳ ୩୦ ଜଣଙ୍କର ସମସ୍ୟା ଘଟଣାସ୍ଥଳରେ ସମାଧାନ କରିଥିଲେ । ଆଜି ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଗ୍ରାମାଞ୍ଚଳ ଏସ୍‌ପି. ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତିନିଧି ଭାବେ ଡା. ଦୀପା ମଲ୍ଲିକ ଓ ସାଲେପୁର ବ୍ଲକ୍‌ର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣିଥିଲେ । ଏଥିରେ ୩୫ଟି ପଞ୍ଚାୟତର ମୋଟ୍ ୪୫ଜଣ ବ୍ୟକ୍ତି ଅଭିଯୋଗ କରିଥିବାବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ୪୧, ସାମୂହିକ ୪ଟି ଅଭିଯୋଗ ରହିଥିଲା । ଜିଲ୍ଲାପାଳ ଶ୍ରୀ ସେଠୀ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣକୁ ସହାୟତା, ୨ଜଣକୁ ଭିନ୍ନକ୍ଷମ ଭତ୍ତା ଓ ୩ ଜଣଙ୍କୁ ଅନ୍ୟାନ୍ୟ ଭତ୍ତା ଭତ୍ତା ପ୍ରଦାନ କରିଥିବାବେଳେ ମୋଟ୍ ୩୦ ଜଣଙ୍କର ସମସ୍ୟାକୁ ଘଟଣାସ୍ଥଳରେ ତତ୍କାଳୀନ ସମାଧାନ କରିଥିଲେ । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ହେଉଥିବା ଶିଶୁଆ-ମଡ଼ଙ୍ଗା ଭାୟା ଛାଣିପୁର ରାସ୍ତା କାର୍ଯ୍ୟରେ ଅହେତୁକ ବିଳମ୍ବ ସଂପର୍କରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଅଭିଯୋଗ କରିଥିଲେ । ସେହିପରି ସାଲେପୁର ବ୍ଲକ୍‌ର କେନ୍ଦ୍ରାପଡ଼ା-୧ ସିସି ଶାଖା କେନାଲରୁ ଗଣେଶ୍ୱରପୁରକୁ ୧୫ବର୍ଷ ହେବ ଜଳସେଚନ ହୋଇପାରୁ ନ ଥିବା ସଂପର୍କରେ ଅଭିଯୋଗ କରାଯାଇଥିଲା । ଏହି ଗ୍ରାମରେ ଥିବା ଶ୍ମଶାନକୁ ରାସ୍ତା ନ ଥିବାରୁ ଲୋକମାନେ ବାଧହୋଇ ନିଜ ବାଡ଼ି ଓ ଜମିରେ ଶବ ସତ୍କାର କରୁଥିବା ଅଭିଯୋଗ ହୋଇଥିଲା । ବିଶେଷ କରି ପିକୋଳ ପଞ୍ଚାୟତର ଦୀର୍ଘଦିନର ଥିବା ସମସ୍ୟା ସଂପର୍କରେ ସମିତିସଭ୍ୟା ସୁଲୋଚନା ସାହୁ ମଧ୍ୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅପରପକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ସଂପର୍କରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଜନଶୁଣାଣି ଶିବିରରେ ଆଶାନୁରୂପ ଲୋକ ନିଜର ଆପତ୍ତି ଅଭିଯୋଗ କରିବାକୁ ଆସିପାରି ନ ଥିଲେ ବୋଲି ଅଭିଯୋଗ ହୋଇଛି ।



**୩୦ଟି ଅଭିଯୋଗର ତତ୍କାଳ ସମାଧାନ**

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ଟାଙ୍ଗୀ,୮ ।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ରସାନନ୍ଦ ପ୍ରତାପଙ୍କ ସ୍ମୃତି ଉଦ୍ଦେଶ୍ୟରେ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଳା ମିନି ଷ୍ଟାଡିୟମ ପରିସରରେ ଦୁଇଦିନିଆ ରସାନନ୍ଦ ପ୍ରତାପ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମିନି ଷ୍ଟାଡିୟମ ଉନ୍ନୟନ ପରିଷଦର ସମ୍ପାଦକ ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ ପ୍ରଧାନ, ସ୍ୱାଧୀନ ମହାନ୍ତି, ନରେନ୍ଦ୍ର ରାଉତରାୟ, ପ୍ରବୀର ଦାଶ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଅଭିଳାଷ ଚନ୍ଦ୍ର ସାହୁ ଓ ଗଗନ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ପ୍ରତିଯୋଗିତାରେ ବିଜେତା ଉଇପଦା ଭଲିଟିମ, ଉପବିଜେତା ଜୟପୁର ଭଲିଟିମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଜଗତପୁର ଭଲିଟିମକୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରାଯାଇଥିଲା । ସମସ୍ତ ମ୍ୟାଚ ଗୁଡ଼ିକୁ ଗଗନ ଭଞ୍ଜ ପରିଚାଳନା କରିଥିବା ବେଳେ ତାରା ଖାଁ ସହଯୋଗ କରିଥିଲେ ।

## ତିଗିରିଆରେ ଆଜି ଗଡ଼ିବ ଜୟ ଜଗନ୍ନାଥ ଅର୍ପଣ ରଥ

**ତିଗିରିଆ,୮ ।୧(ସମିସ):** ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଧାମ ପୁରୀରେ ଚଳିତ ମାସ ୧୭ ତାରିଖରେ ହେବାକୁ ଥିବା ଶ୍ରୀ ମନ୍ଦିର ପରିକ୍ରମା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବ । ଏହି ପରିପ୍ରେକ୍ଷୀରେ ତିଗିରିଆ ବ୍ଲକ୍ ଅନ୍ତର୍ଗତ ସମୁଦାୟ ୧୪ ପଞ୍ଚାୟତରୁ ଅକ୍ଷତ ଓ ଗୁଆ ଦାନ ପାଇଁ ଉପଯୁକ୍ତ ଜନସଚେତନତା ସୃଷ୍ଟି କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥିତ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଜି ତିଗିରିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ତିଗିରିଆ ଟାଉନସ୍ଥିତ କୃଷକ ଭବନ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସେରିଫେଡର ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭାଗିରଥି ନନ୍ଦଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ବ୍ଲକ୍ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡା, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ତିଗିରିଆ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଛାତ୍ର ଜନତା ଦଳ ସଭାପତି ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଆସନ୍ତାକାଲି ମଙ୍ଗଳବାର ତିଗିରିଆ ନିଜିଗଡସ୍ଥିତ ଶ୍ରୀ ଜଗନ୍ନାଥଙ୍କ ପୀଠରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ । ୨ଟି ପୃଥକ ପୃଥକ ସୁସଜ୍ଜିତ ଗାଡିରେ ଜନସାଧାରଣଙ୍କ ଠାରୁ ଅକ୍ଷତ ଓ ଗୁଆ ସଂଗ୍ରହ ପାଇଁ ପୂର୍ବାହ୍ନ ୯ଟାରେ ବାହାରି ବ୍ଲକର ବିଭିନ୍ନ ପ୍ରାନ୍ତ ପରିକ୍ରମା କରିବ ଓ ୯ ତାରିଖରେ ଏହି ବ୍ଲକ ଅନ୍ତର୍ଗତ ବଡନାଉପୁଟ, ପାଞ୍ଚଗାଁ, ଗଦାଧରପୁର ଓ ପୁରୁଣା ତିଗିରିଆ, ୧୦ ତାରିଖରେ ପୁରୁଣା ତିଗିରିଆ, ହାଟମାଳ, ଅଟଳକୋଟ, ୧୧ ତାରିଖରେ ବିନ୍ଧାଣିମା, ସୋମପଡା, ଜେମାଦେଇପୁର, ୧୨ ତାରିଖରେ ଭୋଗଡା, ୧୩ ତାରିଖରେ ନିଜିଗଡ ଓ ବାଲିପୁଟ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କ ଠାରୁ ଅକ୍ଷତ ଓ ଗୁଆ ସଂଗ୍ରହ କରିବ । ତିଗିରିଆ ବ୍ଲକର ସମସ୍ତ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବିଜେଡି ପକ୍ଷରୁ ନିବେଦନ କରାଯାଇଛି ।

## ଗୋରୁ ଗାଡ଼ି ଜବତ, ୫ ଗୋରୁ ଉଦ୍ଧାର

**ବାଙ୍କୀ,୮ ।୧(ସମିସ):** ଆଜି ବୈଦ୍ୟେଶ୍ୱର ଅନ୍ତର୍ଗତ ବାଙ୍କୀ ବୈଦ୍ୟେଶ୍ୱର ରାସ୍ତାରେ ଏକ ଗୋରୁ ବୋଝେଇ ଟାଟା ଏସି ଯାଉଥିବାର ଖବର ପାଇ ବୈଦ୍ୟେଶ୍ୱର ଥାନା ପୁଲିସ ଗାଡ଼ିକୁ ଜବତ କରିବା ସହ ୫ଟି ଗାଈକୁ ଉଦ୍ଧାର କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଆଜି ଏକ ଟାଟା ଏସି ଗାଡ଼ିରେ ଗୋରୁ ବୋଝେଇ ହୋଇ ଯାଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇଁ ଗାଡିକୁ ଅଟକାଇଥିଲା । ଗାଡିରେ ଥିବା ୨ଟି ଗାଈ ଏବଂ ୩ଟି ବଡ ଅଣ୍ଡିରା ବାଛୁରୀକୁ ଉଦ୍ଧାର କରିଥିଲେ । ପରେ ପୁଲିସ ୫ଟି ଗାଈକୁ ନେଇ ଖଣ୍ଡପଡା ଥାନା ଅନ୍ତର୍ଗତ ବିରିଡିପଲ୍ଲୀ ଗୋଶାଳାରେ ଛାଡିଥିଲେ । ଏ ସଂକ୍ରାନ୍ତରେ ବୈଦ୍ୟେଶ୍ୱର ଥାନାରେ ଏକ ମାମଲା ରୁଜୁ ହେବା ସହ ଚାଲାଣକାରୀ ରାମଚନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି । ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି ।




## ଦୁର୍ଘଟଣାରେ ସାଇକଲ ଆରୋହୀ ଗୁରୁତର

**ସାଲେପୁର,୮ ।୧(ସମିସ):** ଆଜି ସନ୍ଧ୍ୟାରେ ଏକ ଆଇରନ୍ ବୋଝେଇ ଟ୍ରକ୍ ଜଣେ ସାଇକଲ ଚାଳକଙ୍କ ଗୋଡ଼ ଉପରେ ଚଢ଼ିଯିବାରୁ ସାଇକଲ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ଖବରରୁ ପ୍ରକାଶ ଯେ ଆଜି ସନ୍ଧ୍ୟା ସମୟରେ କଟକ-ସାଲେପୁର ରାସ୍ତାର ସାଲେପୁର ତହସିଲ ନିକଟରେ ସାଇକଲ ଯୋଗେ ଅଲିପୁର ଗ୍ରାମର କ୍ଷୀତିଶ ପାଣି ରାସ୍ତା ଅତିକ୍ରମ କରୁଥବାବେଳେ ଏକ ଆଇରନ୍ ବୋଝେଇ ଗାଡ଼ି ନଂ ଓଡି ୨୯ଡି ୩୦୬୬ ତାଙ୍କୁ ଧକ୍କା ଦେଇଥିଲା । ସାଇକଲ ଚାଳକ ତଳେ ପଡିଯିବାରୁ ଟ୍ରକ୍ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା । ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଫୋନ୍ କରିବା ପରେ କ୍ଷୀତିଶଙ୍କୁ ଗୁରୁତର ଅବସ୍ଥାରେ ଦମକଳ ବାହିନୀ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ବିଭିନ୍ନ ସ୍ଥାନରେ ଗଡ଼ିଲା ଅର୍ପଣ ରଥ

# ଶଙ୍ଖ, ହୁଳହୁଳି ଧ୍ୱନିରେ କମ୍ପୁଛି ଗାଁ

**ନିଶ୍ଚିନ୍ତକୋଇଲି,୮ ।୧(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଜିଗ୍ନୀପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ଶୁଭାରମ୍ଭ ହୋଇଛି । ଶ୍ରୀଜୀଉଙ୍କ ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରାଙ୍କ ପୌରହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଧର୍ମରଞ୍ଜନ ପଣ୍ଡା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ସରପଞ୍ଚ ତିଳୋତ୍ତମା ରାଉତ, ଉପାଧ୍ୟକ୍ଷ ଅଶୋକ ଓଝା, ବିଜେଡ଼ି ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ବିନୋଦ ସାମଲ, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଜଗନ୍ନାଥ ପ୍ରେମୀ ଭକ୍ତ ସ୍ୱଇଚ୍ଛାରେ ଯୋଗଦେଇ ହରିନାମ ସଂକୀର୍ତ୍ତନ, ଘଣ୍ଟ ଘଣ୍ଟା, ବାଦ୍ୟ, ଶଙ୍ଖ, ହୁଳହୁଳି ଧ୍ୱନିରେ ଜିଗ୍ନୀପୁର ରାଜସ୍ୱ ଗ୍ରାମର ବିଭିନ୍ନ ପଡ଼ାରେ ଥିବା ପ୍ରତ୍ୟେକ ପରିବାରକୁ ରଥ ନେଇ ପହଞ୍ଚାଇଥିଲେ । ପ୍ରତ୍ୟେକ ପରିବାର ପକ୍ଷରୁ ଉକ୍ତ ରଥକୁ ବନ୍ଦାପନା କରାଯାଇ ଅରୁଆ ଚାଉଳ, ଗୁଆ ଓ ଦକ୍ଷିଣା ମୁକ୍ତ ହସ୍ତରେ ପ୍ରଦାନ କରାଯାଇଥିଲା । ସେହିପରି ବୁହାଲୋ ପଞ୍ଚାୟତରେ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରାଧ୍ୟ ଗୋପିନାଥ ଜୀଉଙ୍କ ମନ୍ଦିର ନିକଟରୁ ଜୟ ଜଗନ୍ନାଥ ଅର୍ପଣ ରଥ ବାହାରି ବରପଡ଼ା ଓ ସାଧକନଗର ରାଜସ୍ୱ ଗ୍ରାମ ପରିକ୍ରମା କରିଛି । ଏହି ରଥ ସାଙ୍ଗରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତ ଘର ବୁଲି ଅକ୍ଷତ, ଗୁଆ ଓ ଦକ୍ଷିଣା ସଂଗ୍ରହ କରିଛନ୍ତି । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ମହାନ୍ତି, ଶିକ୍ଷାବିତ୍ ହରିହର ମହାପାତ୍ର, ଗଗନବିହାରୀ ବରାଳ, ସୁରେଶ ସାହୁ ଓ ମେନକା ପଣ୍ଡା ପରିଚାଳନାରେ ସହଯୋଗ କରିଥିଲା ବେଳେ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ସେହିପରି ତରତ ପଞ୍ଚାୟତର ସରପଞ୍ଚ ମିନତୀ ସ୍ୱାଇଁ ଓ ପୂର୍ବତନ ସମିତିସଭ୍ୟ ପ୍ରମୋଦ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟ ଜଗନ୍ନାଥ ଅର୍ପଣ ରଥ ଦେବରାଳ, କୋଇଲିରଙ୍ଗୀ, ବାମରା, ତରତଶାସନ ଆଦି ଗ୍ରାମ ପରିକ୍ରମା କରିଛି । ଉକ୍ତ ଗ୍ରାମର ପ୍ରତ୍ୟେକ ପରିବାରର ଲୋକମାନେ ସ୍ୱତପ୍ରବୃତ୍ତ ଭାବେ ରଥକୁ ବନ୍ଦାପନା କରି ଅକ୍ଷତ, ଗୁଆ ଓ ଦକ୍ଷିଣା ପ୍ରଦାନ କରିଛନ୍ତି । ଜିଆରଏସ ଶ୍ୟାମସୁନ୍ଦର ସାମଲ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ମିଶ୍ର, ସମିତିସଭ୍ୟା ଟିକି ପଣ୍ଡାଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଏଥିରେ ଯୋଗଦାନ କରିଥିଲେ ।





**ବାଙ୍କୀ :** ଆଜି ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ପାଇଁ ଅର୍ପଣ ରଥ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ଠାରୁ ପୂଜାର୍ଚ୍ଚନା ସହ ବାହାରିଥିଲା । ଏହାକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିବା ସହ ଘର ଘର ବୁଲି ଅରୁଆ .ଉଳ ଗୁଆ ସଂଗ୍ରହ କରିବା ପାଇଁ ନିବେଦନ କରିଥିଲେ । ଏହି କ୍ରମରେ ହରିରାଜପୁର ପଞ୍ଚାୟତର ଅଖଣ୍ଡେଶ୍ୱର ମନ୍ଦିର ଠାରୁ ରଥ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କୁଶୁପଙ୍ଗି ପଞ୍ଚାୟତର ସୁବୁଦ୍ଧେଶ୍ୱର ମନ୍ଦିରଠାରୁ ଅରୁଆ .ଉଳ ଏବଂ ଗୁଆ ସଂଗ୍ରହ ପାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ୩୭ନଂ ଜିଲ୍ଲାପରିଷଦ ସଦସ୍ୟା ତଥା କଟକ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ମିନତୀ ମହାପାତ୍ର, ଦୁର୍ଗାପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଲଳିତ ମହାପାତ୍ର, ସମିତିସଭ୍ୟ ଶ୍ରୀକାନ୍ତ ଦାଶ, ସହକାରୀ ଯନ୍ତ୍ରୀ ରାଜକୁମାର ମାରାଣ୍ଡି, ହରିରାଜପୁର ସରପଞ୍ଚ ଅଦୈତ୍ୟ ବେଉରା, ସମିତିସଭ୍ୟ ପୁଷ୍ପଲତା ମହାନ୍ତି, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ୩୮ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ବାଆଁରା ପଞ୍ଚାୟତ ସରପଞ୍ଚ ରମିତା ସାହୁ ସହ ବହୁ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦାନ କରିଥିଲେ । ସେହିପରି ବାଙ୍କୀ ବ୍ଲକରେ ବୈଦେଶ୍ୱର, ରତାଗଡ଼ ଏବଂ ଅନୁଆରୀ ପଞ୍ଚାୟତରେ ଅର୍ପଣ ରଥ ଘର ଘର ବୁଲି ଅରୁଆ .ଉଳ ଏବଂ ଗୁଆ ସଂଗ୍ରହ କରିଛି ।

**ବଡ଼ମ୍ବା :** ଆସନ୍ତା ୧୭ ତାରିଖରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ବଡ଼ମ୍ବାରେ ଅର୍ପଣ ରଥର ଶୁଭାରମ୍ଭ ହେବା ସହ ଅକ୍ଷତ ସଂଗ୍ରହ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ସୋମବାର ବଡ଼ମ୍ବା ରାଜବାଟି ପରିସରରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇ ରଥ ବଡ଼ମ୍ବା ପରିକ୍ରମା କରାଯାଇଥିଲା । ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ରାଜାସାହେବ ତ୍ରିବିକ୍ରମ ଚନ୍ଦ୍ର ମଙ୍ଗରାଜ ମହାପାତ୍ର ଉଦଘାଟକ ରୂପେ ଯୋଗଦେଇ ରଥ ପୂଜା କରି ନଗର ପରିକ୍ରମା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକଙ୍କ ଘରକୁ ଏହି ସଚେତନତା ବାର୍ତ୍ତା ଦିଆଯିବା ସହ ସବୁ ଘରୁ ଗୁଆ ଏବଂ ଅକ୍ଷତ ସଂଗ୍ରହ କରାଯାଇ ପୁରୀ ପଠାଯିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ କୁମାର ଜେନା ସୂଚନା ଦେଇଛନ୍ତି ।



**ସାଲେପୁର :** ଆଜି ସାଲେପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏହି ଅବସରରେ ଆଜି ସାଲେପୁର ବ୍ଲକ୍‌ର ସତ୍ୟଭାମାପୁର ଠାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥକୁ ଉଦ୍‌ଘାଟନ କରିବା ସହ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେହିପରି ବହୁଗ୍ରାମ, ପଶ୍ଚିମକଚ୍ଛ, କଟରପା, ସୁଦ୍ଧଖଣ୍ଡ, ଛାଣିପୁର, ଶିଶୁଆ, ନଇଗୁଆଁ, ମୁତାରିଫା, ମାଳଶାସନ, ମିର୍ଜାପୁର, ବାରିଗୋଳ ସମେତ ବିଭିନ୍ନ ପଞ୍ଚାୟତରେ ଆଜି ଶ୍ରୀମନ୍ଦିର ପରିକ୍ରମା ରଥକୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଖୋଳ, କୀର୍ତ୍ତନ ଓ ଜୟ ଜଗନ୍ନାଥ ଧ୍ୱନୀରେ ରଥକୁ ଗ୍ରାମ ପରିକ୍ରମା କରାଇବା ସହ ଘର ଘର ବୁଲି ଲୋକମାନଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବା ସହ ଆସନ୍ତା ୧୭ ତାରିଖ ଦିନ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବା ଓ ଲୋକମାନଙ୍କ ମଧ୍ୟରେ ଧର୍ମଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଘରେ ଘରେ ବୁଲି ଏହି ସଚେତନତା କରାଯାଇଥିବା ଜଣାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ ।





**ନିଆଳି :** ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ୪ଟି ଜଗନ୍ନାଥ ଅର୍ପଣ ରଥ ୨୩ଟି ପଞ୍ଚାୟତକୁ ଗଡ଼ିଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ପଞ୍ଚାୟତର ଗାଁ ଗାଁ ବୁଲିବ । ସୋମବାର ଆନୁଷ୍ଠାନିକ ଭାବେ ନିଆଳି ବିଡିଓ ଉଲ୍ଲାସ ଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ବହୁ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ମିଶନଶକ୍ତି ପକ୍ଷରୁ ଶହ ଶହ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଏବିଡିଓ ପଲ୍ଲବୀ ରାଉତ, ମିଶନଶକ୍ତି ମହାସଂଘର ସମ୍ପାଦିକା ସତ୍ୟସ୍ମିତା ପାଣି, ସିଡିପିଓ ଗୀତାଗାୟତ୍ରୀ ରଥ, ବ୍ଲକ୍ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମରତନ ଭୂୟାଁ, ସରପଞ୍ଚ ବିଜୟରାମ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ପ୍ରମୋଦ ବେହେରା, ଅଜୟ ସ୍ୱାଇଁ, ଜ୍ଞାନ ରଞ୍ଜନ କାନୁନ୍‌ଗୋ, ମିର୍ ଟୁକୁନ୍ ପ୍ରମୁଖ ଉପସ୍ଥିତ ଥିଲେ ।

